## ସଂକ୍ଷେପରେ

### ସ୍କୁଲ ବନ୍ଦ ନ କରିବା ପାଇଁ ଅଭିଭାବକଙ୍କ ଦାବି

**କେନ୍ଦ୍ରାପଡା ଅଫିସ, ୩।୮:** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତର ବାଲିଆ ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ନ ଥିବା କାରଣରୁ ବନ୍ଦ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚିଠି ହୋଇଛି । ତେବେ ଏହି ସ୍କୁଲକୁ ବନ୍ଦ ନ କରିବା ଦାବି କରି ପରିଚାଳନା କମିଟିର ମହିଳାମାନେ ଶନିବାର ଜିଲାପାଳଙ୍କୁ ଭେଟିଛନ୍ତି । ଏ ସମ୍ପର୍କରେ ଅଭିଭାବକ ସୁଚିତ୍ରା ସାହୁ କହିଛନ୍ତି ଯେ, ଏହି ସ୍କୁଲରେ ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪ । ତେବେ ପ୍ରତ୍ୟହ ୧୦ରୁ କମ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହୁଥିବାରୁ ପ୍ରଶାସନ ପକ୍ଷରୁ ସ୍କୁଲ ବନ୍ଦ ପାଇଁ ନୋଟିସ ହୋଇଛି । ନିକଟସ୍ଥ ସ୍କୁଲ ୧ କିଲୋମିଟର ଦୂରରେ ଥିବାରୁ ଛୋଟ ପିଲାଙ୍କୁ ପଠାଇବା ସମସ୍ୟା ରହିଛି । ଏଥିପାଇଁ ପୂର୍ବପରି ସ୍କୁଲ ଚାଲିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜୟନ୍ତୀ ନାୟକ, ଅନ୍ନପୂର୍ଣ୍ଣା ସାହୁ, ରଜନୀ ମହାନ୍ତି, ମିନତୀ ମନ୍ତ୍ରୀ, ବିଦ୍ୟୁଲତା ମହାନ୍ତଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ ।

### ଆମ୍ଭେର ରାଜଭଙ୍ଗ କେସି ହାଇସ୍କୁଲ ଉପରେ ୧୧କେଭି ବିଦ୍ୟୁତ୍ ତାର

**ପଟ୍ଟାମୁଣ୍ଡାଇ, ୩।୮(ସ୍ୱ.ପ୍ର) :** ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଡା ପଞ୍ଚାୟତ ଅଧୀନ ଆମ୍ଭେର କେସି ରାଜଭଙ୍ଗ ହାଇସ୍କୁଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଗତ ୨ ବର୍ଷ ତଳେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ୨ଟି ଶ୍ରେଣୀଗୃହ କାନ୍ଥ ଫାଟି ଯାଇଥିବା ବେଳେ ଛାତ ଫାଟି ପାଣି ଗଳୁଛି । ସ୍କୁଲ ଘର ଛାତ ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ ୧୧କେଭି ବିଦ୍ୟୁତ୍ ତାର ଝୁଲୁଛି । ଏଭଳି ଅବସ୍ଥାରେ ୯ମ ଓ ୧୦ମ ଶ୍ରେଣୀର ୧୧୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଶ୍ରେଣୀ ଗୃହ ଭିତରେ ବସି ପାଠ ପଢିବାକୁ ନିରାପଦ ମଣୁନାହାନ୍ତି । ଯେ କୌଣସି ସମୟରେ ଛାତ ଉପରେ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଛିଣ୍ଡିଯିବାର ଆଶଙ୍କା ରହିଛି । ନିକଟରେ ଗ୍ରାମବାସୀ ଶ୍ରେଣୀଗୃହ କାନ୍ଥ ଓ ଛାତ ନିଜ ଉଦ୍ୟମରେ ମରାମତି କରିଥିଲେ। ତେବେ ଏହା କେତେ ସୁରକ୍ଷିତ କହି ହେଉନାହିଁ। ତୁରନ୍ତ ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ଓ ଛାତ ଉପରେ ଝୁଲୁଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ହଟାଇବାକୁ ଦାବି ହେଉଛି । ଏଥିସହିତ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଏହି ହାଇସ୍କୁଲ ସହିତ ରାଜଭଙ୍ଗ ନୋଡାଲ୍ ୟୁପି ସ୍କୁଲ ମିଶ୍ରଣ ପରେ ଶିକ୍ଷକ ଅଭାବ ଯୋଗୁ ପାଠପଢା ବ୍ୟାହତ ହେଉଛି । କାରଣ ଗୋଟିଏ ପରିସୀମା ମଧ୍ୟରେ ୨ଟି ସ୍କୁଲ ଗୃହ ନାହିଁ । ୫ଶହ ମିଟର ଦୂରରେ ଥିବା ସ୍କୁଲ ଗୃହରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏପଟ ସେପଟ ହୋଇ ପାଠ ପଢାଇବା ପାଇଁ ଅଯଥା ସମୟ ନଷ୍ଟ ହେଉଛି । ଏଭଳି ପରିସ୍ଥିତିରେ ଗୋଟିଏ କ୍ୟାମ୍ପସ ଭିତରେ ୨ଟି ଯାକ ସ୍କୁଲ ସ୍ଥାପନ କରାଗଲେ ଛାତ୍ରୀଛାତ୍ର ମାନେ ପାଠ ପଢିବା ପାଇଁ ସୁବିଧା ପାଇବେ ବୋଲି ହାଇସ୍କୁଲ ପ୍ରଧାନଶିକ୍ଷକ ମିହିର ରଞ୍ଜନ ଦାସ କହିଛନ୍ତି ।

■ ସଙ୍କଟରେ ଗୋ-ସମ୍ପଦ

# ଅଜଣା ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

**ମହାକାଳପଡା,୩।୮(ଡି.ଏନ.ଏ.)**

ରାଜ୍ୟ ସରକାର ଗୋ-ସମ୍ପଦ ବୃଦ୍ଧି ଓ ସୁରକ୍ଷା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଆସୁଛନ୍ତି। କିନ୍ତୁ ଏହିସବୁ ଯୋଜନାର ସୁଫଳ ପାଇବାରୁ ମହାକାଳପଡା ବ୍ଲକର ଗୋପାଳକମାନେ ବଞ୍ଚିତ ହେଉଛନ୍ତି । ସାଧାରଣତଃ ଗ୍ରାମାଞ୍ଚଳରେ ବହୁ ଗରିବ ଶ୍ରେଣୀର ପରିବାର ଘରେ ଗୋରୁଗାଈ ପାଳି ପରିବାର ପ୍ରତିପୋଷଣ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗୋ-ସମ୍ପଦର ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଗାଁଗୁଡିକରେ ସଚେତନତା ସୃଷ୍ଟି କରାଯିବା ସହ ବର୍ଷାଦିନେ ଗୋରୁଗାଈଙ୍କ ଟୀକାକରଣ ଓ ଔଷଧ ବଣ୍ଟନ କରାଯାଇଥାଏ । କିନ୍ତୁ ଅଦ୍ୟାବଧି ବିଭାଗ ପକ୍ଷରୁ ତାହା କରାଯାଇନାହିଁ । ଫଳରେ ବ୍ଲକର ଉପକୂଳ ଅଞ୍ଚଳ ସୁନୀତି, ଗଗୁଆ ଓ ନାଞ୍ଜୁରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୋରୁଗାଈ ଅଜଣା ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି । ଗତ ସପ୍ତାହକ ମଧ୍ୟରେ ଶତାଧିକ ଗୋରୁଗାଈ ରୋଗାକ୍ରାନ୍ତ ହୋଇ ପଡିଥିବା ବେଳେ ଏହା ବ୍ୟାପିବାରେ ଲାଗିଛି । ନାଞ୍ଜୁରା ପଞ୍ଚାୟତର ରଟପଙ୍କ ଗ୍ରାମରେ ୩୦ରୁ ଅଧିକ ଗୋରୁ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ଏହି ରୋଗ



ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଗାଈ।

ହେବା ପରେ ଗୋରୁଙ୍କ ଦେହରେ ହାଡଫୁଟି ଭଳି ହୋଇଯାଉଛି। ଗୋରୁମାନେ ଖାଦ୍ୟ ଗ୍ରହଣ କରୁନାହାନ୍ତି। ଶରୀରରେ ଉତ୍ତାପ ରହୁଥିବା ବେଳେ ଗୋଡ ଫୁଲି ଯାଉଥିବା ଆଦି ଲକ୍ଷଣ ଦେଖିବାକୁ ମିଳିଛି । ଏହି ଗ୍ରାମର ଗୋପାଳକମାନେ ଘରୋଇ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ ମଧ୍ୟ ରୋଗ ଉପଶମ ହେଉନାହିଁ। ଅନେକ ଗୋପାଳକ ରୋଗ ଚିହ୍ନଟ ପାଇଁ ନକଲି ପଶୁ ଡାକ୍ତରଙ୍କ ଆଶ୍ରୟ ନେଇ ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳିଛି। ଔଷଧ ଓ ଟୀକା ନେଉଥିଲେ ମଧ୍ୟ ଏହି ରୋଗ ଗାଁ କୁ ଗାଁ ବ୍ୟାପିବାରେ ଲାଗିଛି। ବ୍ଲକର ସୁନୀତି, ଓଲଡଫିଲ୍ଡ, ନିଉଫିଲ୍ଡ

**ମହାକାଳପଡା ବ୍ଲକ**

ପାଣିଖିଆ, କଳତୁଙ୍ଗା, ନୋଳିଗାଁ, ନାଞ୍ଜୁରା, କାଇତାଲା, ତନ୍ତିଆପାଳ, ଭୋପାଳ, ଶାସନ, ନରସିଂହପୁର, ଓସ୍ତିରା ଆଦି ଗ୍ରାମରେ ବହୁ ଗୋରୁ ଅଜଣା ରୋଗରେ ଆକ୍ରନ୍ତ ହୋଇଥିବା ଖବର ମିଳିଛି । ବିଭାଗ ପକ୍ଷରୁ ପ୍ରତିଷେଧକ ଭାବେ କୌଣସି ଟୀକାକରଣ ହେଉ ନ ଥିବା ରଟପଙ୍କ ଗ୍ରାମର ପ୍ରଭାତ ତ୍ରିପାଠୀ, ଶମ୍ଭୁ ଚରଣ ଜେନା, ରାମ ଜେନା, ଜୟନ୍ତ ମଲିକ, ଝଣ୍ଟୁ ଦାସ, ରୁକ୍ମଣୀ ମଲିକ, ବିପିନ ବିହାରୀ ମାଇତି, ଜଗନ୍ନାଥ ମଣ୍ଡଳ, ପୂର୍ଣ୍ଣ ଜେନା (ୱାର୍ଡ ସଭ୍ୟ)ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକର ପେଟଛେଲା ପଞ୍ଚାୟତ ସରୁମୁହିଁ ଗ୍ରାମର ୫ ମଇଁଷିଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇଥିଲେ ମଧ୍ୟ ବିଭାଗ ପାଖରେ ଖବର ନାହିଁ।

ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସକ ଚନ୍ଦନ କୁମାର ମହାନ୍ତିଙ୍କ ମତାମତ ନେବାରେ ପ୍ରଭାବିତ ଅଞ୍ଚଳକୁ ଏକ ଚିକିତ୍ସକ ଟିମ୍ ଖୁବଶୀଘ୍ର ଯିବେ । ସେମାନେ ଗୋରୁଗାଈଙ୍କ ପରୀକ୍ଷା କରିବା ପରେ ପ୍ରତିଷେଧକ ଟୀକାକରଣ କରାଯିବ ବୋଲି ସେ କହିଛନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୪।୮।୨୦୧୯ (ରବିବାର)**

■ ରକ୍ତଦାନ ଶିବିର
ସ୍ଥାନ- ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସୁନାଇଲୋ, କେନ୍ଦ୍ରାପଡା
ସମୟ- ପୂର୍ବାହ୍ନ ୭ଟା

**୫।୮।୨୦୧୯ (ସୋମବାର)**

■ ପ୍ରଶାସନିକ ଜନଶୁଣାଣୀ ଶିବିର
ସ୍ଥାନ- ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୧୦ଟା

**୬।୮।୨୦୧୯ (ମଙ୍ଗଳବାର)**

■ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା
ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ- ପୂର୍ବାହ୍ନ ୧୦ଟା

**୭।୮।୨୦୧୯ (ବୁଧବାର)**

■ ଜଳ ଶକ୍ତି ଅଭିଯାନ କର୍ମଶାଳା
ସ୍ଥାନ- ଡିଆରଡିଏ ହଲ, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୧୧ ଟା ୩୦ ମିନିଟ

**୮।୮।୨୦୧୯ (ଗୁରୁବାର)**

■ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା
ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ- ପୂର୍ବାହ୍ନ ୧୦ଟା

**୧୦।୮।୨୦୧୯ (ଶନିବାର)**

■ ଶ୍ରୀ ବଳଦେବଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ- ଇଚ୍ଛାପୁର, କେନ୍ଦ୍ରାପଡା
ସମୟ- ଅପରାହ୍ନ ୫ଟା

# ନିର୍ଯାତିତା ମହିଳା ଓ ନାବାଳିକାଙ୍କ ପାଇଁ ଖୋଲିଲା ସଖୀ




ସଭାରେ ଜିଲାପାଳ ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୩।୮**

ସହରର ହଜାରିବାଗ ଠାରେ ନିର୍ଯାତିତା ମହିଳା ଓ ନାବାଳିକାଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ ସଖୀ ( ୱାନ ଷ୍ଟପ୍ ସେଣ୍ଟର) ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଏହି ଅନୁଷ୍ଠାନ ଦ୍ୱାରା ପୋଲିସ ସହାୟତା, ଡାକ୍ତରୀ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଆଶ୍ରୟ ଓ ଅନ୍ୟ କୌଣସି ସହାୟତା ସହଜରେ ମିଳିପାରିବ । ଏହାଛଡା ବଳାତ୍କାର, ଅପହରଣ, ନିଖୋଜ, ପାରିବାରିକ ହିଂସା, ଏସିଡ ଆକ୍ରମଣ, ଯୌନ ଉତ୍ପୀଡନ ଅଥବା ଶୋଷଣ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ସାଇବର କ୍ରାଇମ, ଯୌତୁକ ନିର୍ଯାତନା ଓ ମୃତ୍ୟୁ ତଥା ଅନ୍ୟାନ୍ୟ ହିଂସାର ଶିକାର ହୋଇଥିବା ମହିଳା, ନାବାଳିକା ଏଠାକୁ ଆସି ଡାକ୍ତର, ଓକିଲ, ପୋଲିସ ଓ ପରାମର୍ଶଦାତାଙ୍କ ସୁବିଧା ନେଇପାରିବେ । ଏଥିପାଇଁ ଏକ ଟେଲିଫୋନ ନମ୍ବର ଜାରି ହୋଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ , ଜିଲା ପ୍ରଶାସନ, ଗୀତା ଏନଜିଓ ପକ୍ଷରୁ ମିଳିତ ଭାବେ ଆୟୋଜିତ ସଭାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ ଅଧ୍ୟକ୍ଷତା କରିଥିଲେ । ଏଥିରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଲିଗାଲ ସେଲ କାଉନସେଲର ମଳୟ କୁମାର ପ୍ରଧାନ, ଏଡିଏମଓ ଡା. ମିର୍ଜା ବାବର ବେଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ ।

# ଉପକାରାଗାର କଏଦୀଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ, ୩।୮**

ବରିମୂଳସ୍ଥିତ କେନ୍ଦ୍ରାପଡା ଉପକାରାଗାରର କଏଦୀ ମାର୍ଶାଘାଇ ଥାନା ବୀରଭଦ୍ରପୁର ଗ୍ରାମର ପୀତାମ୍ବର ନାୟକଙ୍କର ଗତ ୧ ତାରିଖରେ ମୃତ୍ୟୁ ହୋଇଛି । ଏନେଇ ଉପକାରାଗାର ସୁପରିଟେଣ୍ଡେଣ୍ଟ ସରୋଜ କୁମାର ବିଶ୍ୱାଳ କେନ୍ଦ୍ରାପଡା ଜିଲା ଦୌରାଜଜ୍ ବାସୁଦେବ ପଣ୍ଡାଙ୍କୁ ଶନିବାର ଚିଠି ଲେଖି ସୂଚନା ଦେଇଛନ୍ତି। ୨୦୧୫ ମସିହାରେ ପୀତାମ୍ବର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ପୋକ୍ସୋ ଆକ୍ଟରେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସେହିବର୍ଷ ସେପ୍ଟେମ୍ବର ୩ ତାରିଖରେ ହୋଇଥିଲା । ଜେଲରେ ରହୁଥିବା ପୀତାମ୍ବରଙ୍କର ଗତ ଜୁନ ୬ ତାରିଖରେ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଗତ ୧ ତାରିଖ ସନ୍ଧ୍ୟା ୬ଟା ୪୫ ମିନିଟରେ ଆଇସିୟୁରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

## ଜେନେରେଟର ଟାଣି ନେବାରୁ ଯୁବକ ଗୁରୁତର

**ପଟ୍ଟାମୁଣ୍ଡାଇ,୩।୮(ସ୍ୱ.ପ୍ର)**

ଶନିବାର ଅପରାହ୍ନରେ ଚାଲୁଥିବା ଏକ ଜେନେରେଟର ସଂସ୍ପର୍ଶରେ ଆସିବାରୁ ଟାଣି ହୋଇ ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମର ବିକାଶ ମଲିକ(୩୩) ଗୁରୁତର ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡ ଓ କାନ୍ଧରେ ଆଘାତ ଲାଗିଛି । ସୂଚନାଯୋଗ୍ୟ ଯେ, ବିକାଶ ଗତ ୩ ବର୍ଷ ତଳେ ଏକ ଦୁର୍ଘଟଣାରେ ଆହତ ହେବା ପରେ ରୋଗରେ ପୀଡିତ ହୋଇଛନ୍ତି। ତାଙ୍କ ଆରୋଗ୍ୟ ପାଇଁ ତାଙ୍କ ସ୍ତ୍ରୀ ଦେବକୀ ଆରଡି ଆଖଣ୍ଡଳମଣିଙ୍କ ପୀଠକୁ ପାଣି ଭାର ନେବା ଲାଗି ଆମ୍ଭେର ରାଜଭଙ୍ଗ ଘାଟକୁ ଯାଇଥିଲେ । ତାଙ୍କ ସହିତ ତାଙ୍କ ସ୍ୱାମୀ ବିକାଶ ମଧ୍ୟ ଯାଇଥିଲେ । ତେବେ ଡାକବାଜି ଯନ୍ତ୍ର ବଜାଇବା ପାଇଁ ଜେନେରେଟର୍ ଚାଲିଥିବା ବେଳେ ଏହା ନିକଟରେ କାନ୍ଧରେ ଏକ ଗାମୁଛା ପକାଇ ବିକାଶ ଠିଆ ହୋଇଥିଲେ । ଅସାବଧାନତା ବଶତଃ ତାଙ୍କ ଅଲକ୍ଷ୍ୟରେ ଗାମୁଛା ଉଡି ଜେନେରେଟର୍‌ରେ ଲାଗି ଯାଇଥିଲା। ଫଳରେ ବିକାଶଙ୍କୁ ଜେନେରେଟର ରୋଟର ଟାଣି ନେଇଥିଲା । ସେ ଜେନେରେଟର୍‌ରେ ପିଟି ହୋଇ ସଂଜ୍ଞାହୀନ ହୋଇ ପଡିବା ସାଙ୍ଗକୁ ଆହତ ହୋଇଥିଲେ।

■ କଣ୍ଡିରା ଗାଁ ମଶାଣିରେ ଶୋକାକୁଳ ପରିବେଶ

# ଗୋଟିଏ ଜୁଇରେ ଜଳିଲା ସାହସୀ ବାଳକ ସିଡ୍ଡୁ ଓ ଟୁଟୁଙ୍କ ଚିତା



ଗାଁ ଶ୍ମଶାନରେ ବିଧାୟକ ଓ ଗ୍ରାମବାସୀ।

**ରାଜନଗର, ୩।୮(ଡି.ଏନ.ଏ.)**

ରାଜନଗର ବ୍ଲକ କଣ୍ଡିରା ଗାଁର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାହାସୀ ବାଳକ ସିଡ୍ଡୁ ମଲିକ (୧୬ ) ଶୁକ୍ରବାର ଜଳି ଛକ ଠାରେ ଏକ ସଡକ ଦୁର୍ଘଟଣାରେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ପିଉସୀ ପୁଅ ଭାଇ ରାଜକନିକା ବ୍ଲକ ଖୁଣ୍ଟା ଗାଁର ଦୁର୍ଯ୍ୟୋଧନ ମଲିକ (ଟୁଟୁ)ଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏଥିସହ ପଦ୍ମନାଭପୁର ଗାଁର ଦୁଇଜଣ ଯୁବକ ଆହତ ହୋଇଥିଲେ। ଶନିବାର ସିଡ୍ଡୁ ଓ ଟୁଟୁଙ୍କ ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। କଣ୍ଡିରା ଗାଁ ଶ୍ମଶାନରେ ଗୋଟିଏ ଜୁଇରେ ସିଡ୍ଡୁ ଓ ଟୁଟୁଙ୍କ ଚିତା ଜଳିଛି। ଏହି ସମୟରେ ଆଖପାଖ ଅଞ୍ଚଳ ଲୋକଙ୍କ ସମାଗମ ହୋଇଥିଲା । ସିଡ୍ଡୁ ଅମର ରହେ ଧ୍ୱନିରେ କିଛି ସମୟ ପାଇଁ ଗାଁ ଶ୍ମଶାନ କମ୍ପି ଉଠିଥିଲା। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବାସୁଦେବ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମହେଶ୍ୱର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ଦିପ୍ତୀମୟୀ ବେହେରା, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି , ଯୁବନେତା ବାଇଧର ସେଠୀ, ନରହରି ଜେନା, ଆର୍ତ୍ତବନ୍ଧୁ ମହାନ୍ତି, ଅନାଦି ଚରଣ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶ୍ମଶାନ ପରିସରରେ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ । ବିଧାୟକ ସାହୁ ସିଡ୍ଡୁଙ୍କ ବାପା, ମାଆ ଓ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏଥିସହ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଁଏ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି । କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ରେଡକ୍ରସ ପାଣ୍ଠିରୁ ୧୦ହଜାର ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି । ସିଡ୍ଡୁର ମାଆ ଅବଳି, ଦୁଇ ଭଉଣୀ ଓ ବଡଭାଇ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି । ପାରାଦୀପରେ କାମ କରୁଥିବା ସିଡ୍ଡୁଙ୍କ ବାପା ଉପେନ୍ଦ୍ର ପୁଅର ମୃତ୍ୟୁ ଖବର ପାଇ ଶୁକ୍ରବାର ରାତି ୧୨ଟାରେ ଘରେ ପହଞ୍ଚି ଏକରକମ ମୂକ ହୋଇ ଯାଇଛନ୍ତି । ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକ କଣ୍ଡିରା ଗାଁର ସିଡ୍ଡୁ ୨୦୧୮ ଫେବୃୟାରୀ ୨୦ ତାରିଖରେ ପାଙ୍ଗଶାଳା ନଦୀରେ କୁମ୍ଭୀର ମୁହଁରୁ ନିଜ ଦାଦା ବିନୋଦଙ୍କୁ ବଞ୍ଚାଇ ଥିଲେ । ଏଥିପାଇଁ ତାଙ୍କୁ ଗତ ଜାନୁୟାରୀ ୨୫ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆନ ହାବିଟାଟ ସେଣ୍ଟରରେ ସମ୍ମାନଜନକ ବାପୁ ଗାଇଧାନୀ ଜାତୀୟ ସାହାସୀକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇସିସିଡବ୍ଲୁର ସଭାପତି ଗୀତା ସିଦ୍ଧାର୍ଥ ଏହି ପୁରସ୍କାର ପ୍ରଦାନ କରିଥିଲେ। ସିଡ୍ଡୁ ସାହାସିକତା ପୁରସ୍କାର ପାଇବା ପରେ ସେ ପଢୁଥିବା ବିଦ୍ୟାଳୟ ସମେତ ବହୁ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ପାଟକୁରା ବିଧାନସଭା ନିର୍ବାଚନ ଚର୍ଚ୍ଚା

# ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ଲିଗାଲ ନୋଟିସ

**କେନ୍ଦ୍ରାପଡା ଅଫିସ, ୩।୮**

ପାଟକୁରା ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ହେବାର ଇତିମଧ୍ୟରେ ୧୦ ଦିନ ବିତିଛି । ତେବେ ଏହି ଆସନକୁ ନେଇ ଚର୍ଚ୍ଚା ଥମିନାହିଁ । କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପକ୍ଷରୁ ଗତ ୩୧ ତାରିଖରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ହୋଇଥିବା ଓକିଲ ନୋଟିସ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ପରେ ଏହାକୁ ନେଇ ଜିଲା ସାରା ଶନିବାର ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଆସନ ପାଇଁ ଗତ ଜୁଲାଇ ୨୦ରେ ନିର୍ବାଚନ ହୋଇଥିବା ବେଳେ ୨୪ ତାରିଖରେ ଫଳଫଳ ବାହାରିଥିଲା । ଏଥିରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ଠାରୁ ୧୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି । ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମୋଟ ୨୧୦୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ନିର୍ବାଚନ ଫଳ ପ୍ରକାଶ ପରେ ପୂର୍ବତନ ମନ୍ତ୍ରୀ ରାଉତ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କଂଗ୍ରେସ ପ୍ରାର୍ଥୀ ବିଜେଡି ନିକଟରେ ବିକ୍ରି ହୋଇଥିବା ମନ୍ତବ୍ୟ ଦେଇଥିଲେ । ଏହା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବାରୁ କଂଗ୍ରେସ ପ୍ରାର୍ଥୀ ମହାନ୍ତିଙ୍କ ସମ୍ମାନ ହାନି ହୋଇଥିବା ଦର୍ଶାଇ ତାଙ୍କ ପକ୍ଷରୁ ଆଇନଜୀବୀ ଦିପ୍ତିରେଖା ନନ୍ଦ ଏକ ନୋଟିସ ପଠାଇଛନ୍ତି । ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ରାଉତ ଏ ସମ୍ପର୍କରେ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଜୟନ୍ତ ମହାନ୍ତିଙ୍କ ବିରୋଧରେ ସେ ମନ୍ତବ୍ୟ ଦେଇନାହାନ୍ତି । ଗତ ୨୦୧୪ ମସିହାରେ ଏଠାରୁ କଂଗ୍ରେସ ୪୨ ହଜାର ଭୋଟ ପାଇଥିବା ବେଳେ ଗତ ନିର୍ବାଚନରେ ୨୧୦୪ ଭୋଟ ପାଇବା ଘଟଣା କଂଗ୍ରେସ ଏଠାରେ ବିକ୍ରି ହୋଇଥିବା କଥାକୁ ସୂଚାଉଛି । ଅଯଥା ପ୍ରଚାର ପାଇଁ ଏହି ନୋଟିସ ହୋଇଥାଇ ପାରେ ବୋଲି ସେ ମନ୍ତବ୍ୟ ଦେଇଛନ୍ତି ।

# ବଦଳିବ କଚେରି ପୋଖରୀର ରୂପରେଖ

**ପଟ୍ଟାମୁଣ୍ଡାଇ,୩।୮(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ସଂଲଗ୍ନ କଚେରୀ ପୋଖରୀର ରୂପରେଖ ବଦଳିବାକୁ ଯାଉଛି। ଜମିଦାର ଅମଳରୁ ଖନନ ହୋଇଥିବା କଚେରୀ ପୋଖରୀର ପୁନରୁଦ୍ଧାର ପାଇଁ କଟକ ସ୍ଥାୟୀ ଲୋକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୧ ଏକର ୨୫ ଡେସିମିଲ ପରିମିତ ଏହି ପୋଖରୀର ସ୍ୱଚ୍ଛ ଜଳକୁ ପୂର୍ବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ବ୍ୟବହାର କରି ଆସୁଥିଲେ। ତେବେ ଜମିଦାରୀ ଉଚ୍ଛେଦ ପରେ ଏହି ପୋଖରୀ ପଟ୍ଟାମୁଣ୍ଡାଇ ତହସିଲ ଅଧୀନକୁ ଚାଲି ଯାଇଥିଲା । ଏହା ପୋଖରୀ ହୋଇଥିଲେ ମଧ୍ୟ ଏହାର କିସମ ବଗାୟତ-୧ ବୋଲି ଜମିଦାରଙ୍କ ଅମଳରୁ ଉଲ୍ଲେଖ ରହିଛି। ତହସିଲ ପକ୍ଷରୁ ଏହି ପୋଖରୀକୁ ନିଲାମ ଦିଆଯାଇ ରାଜସ୍ୱ ଆଦାୟ ହେଉଥିଲା। ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ଏହି ପୋଖରୀ ପୋତି ହୋଇ ପଡୁଥିବା ବେଳେ ମ୍ୟୁନିସିପାଲିଟି ପକ୍ଷରୁ କ୍ରମାଗତ ଭାବେ ସହରର ଅଳିଆ ଆବର୍ଜନା



ଅଳିଆ ଆବର୍ଜନାରେ ପୂର୍ଣ୍ଣ କଚେରି ପୋଖରୀ।

ପକାଯାଉଥିଲା। ଅଳିଆ ଆବର୍ଜନା ନ ପକାଇବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ବାରଣ କରି ଆସୁଥିଲେ। ବିଭିନ୍ନ ଗଣମାଧମରେ ମଧ୍ୟ ମ୍ୟୁନିସିପାଲିଟିର ଡମ୍ପିଂୟାର୍ଡ ପାଲଟିଛି କଚେରୀ ପୋଖରୀ ଶୀର୍ଷକ ଖବର ବାରମ୍ବାର ପ୍ରକାଶିତ ହୋଇଛି। ମାତ୍ର ସ୍ଥାନୀୟ ପ୍ରଶାସନ ଓ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏହାକୁ ଭ୍ରୂକ୍ଷେପ ନ କରି ଦୈନିକ ଅଳିଆ ଆବର୍ଜନା ପକାଇ ଚାଲିଥିଲେ। ପଟ୍ଟାମୁଣ୍ଡାଇ ସହରର ଏକମାତ୍ର ଜଳାଶୟ ରୂପେ ପରିଗଣିତ ହେଉଥିବା କଚେରୀ ପୋଖରୀର ପୁନରୁଦ୍ଧାର ଲାଗି ସାମାଜିକ କର୍ମୀ ଅକ୍ଷୟ କୁମାର ବିଶ୍ୱାଳ କଟକ ସ୍ଥାୟୀ ଲୋକ ଅଦାଲତରେ ଏକ ପିଏଲଏ ନଂ୧୧/୨୦୧୯ରେ ମାମଲା ଦାଏର କରିଥିଲେ। ଏହି ମାମଲାରେ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ, ତହସିଲଦାର, କେନ୍ଦ୍ରାପଡା ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଓଡିଶା ନଗର ଉନ୍ନୟନ ଓ ଗୃହ ନିର୍ମାଣ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଅଦାଲତରେ ଶୁଣାଣି ବେଳେ ଏହି ପୋଖରୀ ମ୍ୟୁନିସିପାଲିଟିକୁ ହସ୍ତାନ୍ତର ହୋଇ ନ ଥିବାରୁ ଏହାର ପୁନରୁଦ୍ଧାର ହୋଇ ପାରୁ ନ ଥିବା ନିର୍ବାହୀ ଅଧିକାରୀ ଦର୍ଶାଇଥିଲେ। ପୋଖରୀ ହସ୍ତାନ୍ତର କରିବାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ବାରମ୍ବାର ଅବଗତ

**ଅଦାଲତଙ୍କ ନିର୍ଦ୍ଦେଶ**

କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ନିର୍ବାହୀ ଅଧିକାରୀ ଦର୍ଶାଇଥିଲେ। ମାତ୍ର ଅଦାଲତ ଏହା ଗ୍ରହଣ କରି ନ ଥିଲେ ଏବଂ ତୁରନ୍ତ ପୋଖରୀର କିସମ ପରିବର୍ତ୍ତନ ପାଇଁ ତହସିଲଦାରଙ୍କୁ କହିଥିଲେ। ପୋଖରୀର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ମ୍ୟୁନିସିପାଲିଟିର ବୋଲି ମତ ପ୍ରକାଶ କରି ଅଦାଲତ ୧୯।୭।୨୦୧୯ରେ ଏକ ଅନ୍ତରୀଣ ନିର୍ଦ୍ଦେଶନାମା ଦେଇଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀରୁ ଅଳିଆ ଆବର୍ଜନା ହଟାଇବା ,ପୋଖରୀକୁ ପରିଷ୍କାର ପରିଚ୍ଛନ୍ନ କରିବା, ପୋଖରୀ ଜଳକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା, ପୋଖରୀର ସୌନ୍ଦର୍ଯ୍ୟକରଣ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିସହିତ ପୋଖରୀର କିସମ ପରିବର୍ତ୍ତନ କରି ମ୍ୟୁନିସିପାଲିଟିକୁ ୧ ମାସ ମଧ୍ୟରେ ହସ୍ତାନ୍ତର କରିବାକୁ ଅଦାଲତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ପଥର ଖାଦାନରେ ପଡ଼ି ପିଅନଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୩।୮(ଡି.ଏନ.ଏ):** ବଡ଼ଚଣା ଥାନା ଭୁଷଣ୍ଡପୁର ପଞ୍ଚାୟତ ଅଧୀନ ଅକରାବାଦ ଗ୍ରାମରେ ଶନିବାର ପଥର ଖାଦାନରେ ଖସିପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ବୀର କିଶୋର ଷଡଙ୍ଗୀ(୫୪)। ସେ ଶୁକ୍ରବାର ରାତିରେ ଶୌଚ ହେବାକୁ ଯାଇ ଏକ ବେଆଇନ ମାଙ୍କଡ଼ା ଖାଦାନ ଭିତରକୁ ଖସି ପଡ଼ିଥିଲେ। ଶନିବାର ସକାଳୁ ତାଙ୍କ ମୃତଦେହକୁ ସ୍ଥାନୀୟ ଗ୍ରାମବାସୀ ଦେଖି ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ନିକଟସ୍ଥ ସୁଙ୍ଗୁଡ଼ା ଉପଡ଼ାକଘରେ ପିଅନ ଭାବେ କାର୍ଯ୍ୟ କରୁଥିଲେ।

### ୨ତାରିଣୀ ମନ୍ଦିରରୁ ଚୋରି

**ଚଣ୍ଡିଖୋଲ,୩।୮(ଡି.ଏନ.ଏ):** ଚୋରମାନେ ଦୁଇଟି ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି କରିଛନ୍ତି। ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମ ଓ ଏହି ପଞ୍ଚାୟତ ଅନ୍ତର୍ଗତ କୁମ୍ଭାର ସାହିରେ ଥିବା ୨ଟି ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ନେଇ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ମା'ଙ୍କର ସୁନା ଆଖି, ରୁପାଘୋଡ଼ା, ସିନ୍ଥି, ଘଣ୍ଟ ଓ ବାସନକୁସନ ଆଦି ଉଭୟ ସ୍ଥାନରୁ ଚୋରି ହୋଇଛି। ଏପରିକି ମନ୍ଦିରରେ ଥିବା ହୁଣ୍ଡିବାକ୍ସକୁ ଚୋରମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ବେଳେ ଚୋରଙ୍କ ସମ୍ପର୍କରେ କୌଣସି ସୁରାଗ ପାଇନାହିଁ।

### ଓଡଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ

**ରସୁଲପୁର,୩।୮(ଡିଏନଏ):** ପରିବେଶବିତ୍ ଶ୍ରୀନିବାସ ଜେନା ଗଛ ଲଗାଇବାକୁ ଏକ ବ୍ରତ ଭାବରେ ଗ୍ରହଣ କରିନେଇଛନ୍ତି। ସେ ପ୍ରତ୍ୟେକ ବର୍ଷ ବିଭିନ୍ନ ଗାଁଗଣ୍ଡା ବୁଲି ଗଛ ଲଗାଇବା ସହ ସରକାରୀ ସ୍ଥାନରେ ଶହଶହ ବୃକ୍ଷରୋପଣ କରିବାର ନଜିର ରହିଛି। ସେ ଏହି ପ୍ରୟାସ ପ୍ରାୟତଃ ୧୦ବର୍ଷ ତଳୁ ଆରମ୍ଭ କରିଛନ୍ତି। ଚଳିତବର୍ଷ ସେ ବିଭିନ୍ନ ବିଦ୍ୟାଳୟରେ ଗଛ ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହିକ୍ରମରେ ରସୁଲପୁର ବ୍ଲକ ଅନ୍ତର୍ଗତ ଓଡଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜେନାଙ୍କ ପକ୍ଷରୁ ଚାରାରୋପଣ କରାଯାଇଛି। ବିଦ୍ୟାଳୟକୁ ମାଗଣାରେ ନଡିଆ, ଆମ୍ବ, ବଉଳ, ପିଜୁଳି ଭଳି ୪୦ଟି ଗଛ ପ୍ରଦାନ କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଖବରଦାତା ଅଖିଳ କୁମାର ସ୍ୱାଇଁ, ଶିକ୍ଷାବିତ୍ ନାରାୟଣ ସ୍ୱାଇଁ, ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଲତା ପ୍ରଧାନ, ଶିକ୍ଷକ ପ୍ରାଣକୃଷ୍ଣ ନାୟକ, ଅକ୍ଷୟ କୁମାର ସାହୁ, ସଂଜୁଲତା ପଣ୍ଡା, ନଳିନୀପ୍ରଭା ଜେନା, କବିତା ପାଣି, ରୂପାଲି ଅପରାଜିତା ପଟ୍ଟନାୟକ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ବାଡିରେ ବୃକ୍ଷରୋପଣ କରିବାକୁ ପରିବେଶବିତ୍ ଜେନା ପରାମର୍ଶ ଦେଇଥିଲେ।

## ଦୁର୍ଦ୍ଦିନରେ କଳିଙ୍ଗନଗର ଶିଳ୍ପାଞ୍ଚଳ

# ବିକ୍ରି ଅପେକ୍ଷାରେ ନୀଳାଚଳ, ରୋହିତ

**ଯାଜପୁର ଅଫିସ,୩।୮**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଷ୍ଟିଲ ହବ୍ ଭାବେ ପରିଣତ କରିବାକୁ ରାଜ୍ୟ ସରକାର ସ୍ୱପ୍ନ ଦେଖୁଛନ୍ତି। ଏହାବାଦ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଇତିମଧ୍ୟରେ ୨ଥର ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଆୟୋଜନ କରି ଶିଳ୍ପ ସଂସ୍ଥାଗୁଡିକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ହେଁ ସେମାନେ ପଛଘୁଞ୍ଚା ଦେଉଛନ୍ତି। ଅନ୍ୟପକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳର ୮ଟି ବୃହତ ଶିଳ୍ପ କାରଖାନା ଆର୍ଥିକ ଦୁର୍ବଳ ଅବସ୍ଥାକୁ ଚାଲି ଆସିଛି। ସୁସ୍ଥ ଶିଳ୍ପାୟନ ବାତାବରଣ ସୃଷ୍ଟି କରିବାରେ କାହାରି ଆନ୍ତରିକତା ନ ଥିବା ମନେ ହେଉଛି। କଞ୍ଚାମାଲ ଦର ବୃଦ୍ଧି, ମାନ୍ଦାବସ୍ଥା, ପରିବହନ ଖର୍ଚ୍ଚ ସମେତ ବିଦ୍ୟୁତ, ଶ୍ରମ ସାମର୍ଥ୍ୟ ଓ ବିଭିନ୍ନ ଚାନ୍ଦା ଆଦି କାରଣ ଯୋଗୁ ବିକ୍ରି ଦର ତୁଳନାରେ ଖର୍ଚ୍ଚ ଅଧିକ ହେଉଥିବା ଶିଳ୍ପ କର୍ତ୍ତୃପକ୍ଷ ଯୁକ୍ତି ବାଢୁଛନ୍ତି। ଗତ ୪ ବର୍ଷ ଧରି ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍ଆଇଏନ୍ଏଲ) ୨୦୧୦ କୋଟି ଟଙ୍କା କ୍ଷତିରେ ଚାଲୁଥିବାବେଳେ ରୋହିତ ଫେରୋଟେକ୍ ମଧ୍ୟ ଗତ ୩ବର୍ଷ ଧରି କୋଟି କୋଟି ଟଙ୍କା କ୍ଷତି ସହିବାରେ ଲାଗିଛି। ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଶିଳ୍ପ ସୁରୁଖୁରୁରେ ଚାଲିଥିବାବେଳେ କଳିଙ୍ଗନଗରରେ କାହିଁକି ବ୍ୟତିକ୍ରମ ଘଟୁଛି ସେ ନେଇ ସମୀକ୍ଷାର ବେଳ ଆସିଛି ବୋଲି ମତପ୍ରକାଶ ପାଇଛି। ଆରପିଡିଏସ୍‌ସି ବୈଠକ ପାଇଁ ସମୀକ୍ଷା ଚାଲିଥିବାବେଳେ ଏନ୍ଆଇଏନ୍ଏଲ ଓ ରୋହିତ ଫେରୋଟେକ ବିକ୍ରି ଅପେକ୍ଷାରେ ରହିଥିବା ଚର୍ଚ୍ଚା ହେଉଛି। କେଜେ ଇସ୍ପାତ, ମଇଥାନ ଷ୍ଟିଲ, ଯାଜଦାନି, ଯାଜପୁରରୋଡ ଫେରୋକ୍ରୋମ କାରଖାନା ବନ୍ଦ ପଡିଛି। ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ମଇଥାନ ଷ୍ଟିଲ ଓ ଭିସା ଷ୍ଟିଲ ସିଡିଆର(କର୍ପୋରେଟ ଋଣ ପୁନର୍ଗଠନ) ହୋଇଥିବାବେଳେ ମେସ୍କୋ ଷ୍ଟିଲ କାରଖାନା ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହୋଇଛନ୍ତି। ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୩ବର୍ଷ ମଧ୍ୟରେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଛଟେଇ ହୋଇ ସାରିଛନ୍ତି। ତେଣୁ ସରକାର ଏଥିପ୍ରତି ଅଧିକ ଧ୍ୟାନ ନ ଦେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ହାତଗଣତି ଶିଳ୍ପ ରହିଯିବ ବୋଲି ମତପ୍ରକାଶ ପାଉଛି।




- ସିଡିଆର ଅନ୍ତର୍ଭୁକ୍ତ ଜିନ୍ଦଲ, ଭିସା, ମଇଥାନ
- ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ହେଲେଣି ଛଟେଇ

ମଧ୍ୟମ ଉଦ୍ୟୋଗ ଶିଳ୍ପ ସମ୍ପର୍କରେ ଜିଲା ଶିଳ୍ପକେନ୍ଦ୍ର ପାଖରେ କୌଣସି ଖବର ନାହିଁ। ଚଳିତ ବିଧାନସଭାରେ ବିଧାୟକ ଚକ୍ରମଣି କହଁର ପଚାରିଥିବା ତାରକା ଚିହ୍ନିତ ପ୍ରଶ୍ନସଂଖ୍ୟା ୧୬୬୧ର ଉତ୍ତରରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଆହୁରି ଦର୍ଶାଇଛନ୍ତି ଯେ, ଜିଲାରେ କେଉଁ ମଧ୍ୟମ ଉଦ୍ୟୋଗର ଆବଶ୍ୟକତା ଅଛି, ବିଗତ ଦିନରେ ୨ଥର ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ କେତୋଟି ଉଦ୍ୟୋଗ କେଉଁ ସ୍ଥାନରେ ପ୍ରତିଷ୍ଠା କରିବା ପାଇଁ ରାଜି ହୋଇଥିଲେ ତାହାର କିଛି ତଥ୍ୟ ନାହିଁ। ଏପରିକି କେଉଁ ଉଦ୍ୟୋଗ କେଉଁଠାରେ କାମ ଆରମ୍ଭ କଲେଣି ଓ କେତେ ପୁଞ୍ଜି ରାଜ୍ୟକୁ ଆସିଛି, କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବା ହେବାର ଅଛି ଏହାର କୌଣସି ସୂଚନା କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର ପାଖରେ ନାହିଁ। ଯଦି ଏହି ଉତ୍ତରରେ ସତ୍ୟତା ରହିଛି ତେବେ ଏହାର ଅର୍ଥ କଳିଙ୍ଗନଗର ଶିଳ୍ପାଞ୍ଚଳରେ କୌଣସି ମଧ୍ୟମ ଉଦ୍ୟୋଗ ଆଗ୍ରହ ପ୍ରକାଶ କରିନାହାନ୍ତି। ତେଣୁ କେଉଁ କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରତି ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି ସେ ନେଇ ବିତର୍କର ଆବଶ୍ୟକତା ରହିଛି। ଏଠାରେ ଲାଭରେ ହ୍ରାସ ଘଟୁଥିବାରୁ ଦେଶର କର୍ପୋରେଟ ସେକ୍ଟର ସମୂହ ସେମାନଙ୍କ ଆଗାମୀ ପୁଞ୍ଜି ନିବେଶ ଯୋଜନାକୁ ସାମୟିକ ସ୍ଥଗିତ ରଖିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହାସହ ଯେଉଁ ଶିଳ୍ପ କାରଖାନା ଚାଲିଛି ସେଠାରେ କେବଳ କର୍ମଚାରୀ ଛଟେଇ ଅର୍ଥନୈତିକ ଅସ୍ଥିରତାରେ ସହଯୋଗ କରିବ ତାହା ନୁହେଁ, ବରଂ ସାମାଜିକ ଅସ୍ଥିରତାର ମୂଳଦୁଆକୁ ଆହୁରି ମଜଭୁତ କରିଛି। ସମସ୍ୟା ବଢିଲାଣି, କର୍ମଚାରୀ ବିଦା ହୋଇଚାଲିଲେ ଅର୍ଥନୀତି ରୁଗ୍‌ଣ ହେବ ଏଥିରେ ସନ୍ଦେହ ନାହିଁ। ଏଥିଯୋଗୁ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେଉଛି। କାରଖାନା ଯୋଗୁ ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ଘଟିଛି। ଏହି କାରଣରୁ ଶୁକ୍ରବାର ଆରପିଡିଏସିର ସମୀକ୍ଷା ବୈଠକ କଳିଙ୍ଗନଗର କିମ୍ବା ଯାଜପୁର ଜିଲାରେ ନ ହୋଇ କଟକ ଆରଡିସି କାର୍ଯ୍ୟାଳୟରେ ହୋଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ଆରପିଡିଏସି ସମୀକ୍ଷା ବୈଠକ ଆରଡିସି କାର୍ଯ୍ୟାଳୟରେ କରିବାକୁ ଆରଡିସି ନିଷ୍ପତ୍ତି ନେଇଥିଲେ। ତେବେ ଆରପିଡିଏସି ବୈଠକ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅୟୋଜିତ ହେବ ବୋଲି କହିଛନ୍ତି।

### ଯାଜପୁର ମ୍ୟୁନିସିପାଲିଟିର ପ୍ରସ୍ତାବିତ ଡମ୍ପିଂୟାର୍ଡ ସ୍ଥାନକୁ ବିରୋଧ

**ଯାଜପୁର ଟାଉନ,୩।୮(ଡିଏନଏ)**

ଯାଜପୁର ମ୍ୟୁନିସିପାଲିଟି ପକ୍ଷରୁ ପ୍ରସ୍ତାବିତ ଅଳିଆ ଗଦା (ଡମ୍ପିୟାଡ) ପଣସା ପଞ୍ଚାୟତର କୋରକରା ମୌଜାରେ ହେବାକୁ ମସୁଧା କରାଯାଉଛି। କୋରକରା ମୌଜାର ଉକ୍ତ ଜମି ଗୋଚର ଏବଂ ବୈତରଣୀ ନଦୀକୁ ଲାଗି ରହିଛି। ଉକ୍ତ ଗୋଚର ଜମିରେ ବାଲିପୋଖରୀ, କୁଶୀ, କୋରକରା ଓ ପଣସା ମୌଜାର ବଳିଘାଇ, କୁମ୍ଭାରସାହି, ଲାଲବାଗ ପ୍ରଭୃତି ଅଞ୍ଚଳରେ ଗୋରୁଗାଈ, ଛେଳି ମେଣ୍ଢାଙ୍କର ଚାରଣ ଭୂମି ଅଟେ। ଉକ୍ତ ଜମିକୁ ଲାଗି ବସତିଗୁଡ଼ିକ ଥିବାରୁ ଅଳିଆ ଆର୍ବଜନାର ଦୁର୍ଗନ୍ଧ ବ୍ୟାପୀ ପରିବେଶ ଦୂଷିତ ହେବ ଏବଂ ନଦୀବଢି ସମୟରେ ପ୍ରସ୍ତାବିତ ଅଳିଆ ଗଦାରୁ ଆର୍ବଜନା ବାହାରି ପାଣିରେ ମିଶି ପଣସା, ବିନ୍ଧାଣ, ମୋଟରଙ୍ଗାପାଳ ଓ ଆଙ୍କୁଲା ଗ୍ରାମରେ ବ୍ୟାପି ଯିବ। ଉକ୍ତ ପ୍ରସ୍ତାବିତ ଡମ୍ପିୟାର୍ଡକୁ ବିରୋଧ କରି ପଣସା ଗ୍ରାପର ଅଧିବାସୀଙ୍କ ତରଫରୁ ଦିଗମ୍ବର କର, ବିଜୟ ପ୍ରସାଦ ରାଏ, ଶୁକଦେବ ବେହେରା, ସୌମ୍ୟରଞ୍ଜନ ରାଉତରାୟ ଓ ଅନ୍ୟମାନେ ଯାଜପୁର ଜିଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବିତ ଡମ୍ପିଂୟାର୍ଡ କରିବା ପାଇଁ ପ୍ରୟାସ କଲେ ପଣସା ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ୭୮୩୫ ଜଣ ଚାଷୀ ପାଇଲେ ୧୨.୯୭ କୋଟି ଟଙ୍କା କୃଷିବୀମା

**ଦଶରଥପୁର,୩।୮(ଡିଏନ୍ଏ)**

**ଦଶରଥପୁର ବ୍ଲକ**

ଦଶରଥପୁର ବ୍ଲକର କେନ୍ଦ୍ରୀୟ କୋ-ଅପରେଟିଭ ବ୍ୟାଙ୍କ ଶାଖା ଅଧୀନରେ କାର୍ଯ୍ୟ କରୁଥିବା ୧୩ଟି ପ୍ରାଥମିକ କୃଷି ସମବାୟ ସମିତିର ୭୮୩୫ ଜଣ ଚାଷୀ ୨୦୧୮ ମସିହାର ଫସଲ କ୍ଷତି ବାବଦକୁ ୧୨କୋଟି ୯୭ଲକ୍ଷ ୬୭ ହଜାର ୫୦୩ ଟଙ୍କା କୃଷିବୀମା ଅର୍ଥ ବାବଦକୁ ପାଇଛନ୍ତି। ସେଥି ମଧ୍ୟରେ ଅକରପଡ଼ା ସମବାୟ ସମିତିରେ ୪୪୬ ଜଣ ଚାଷୀ ୧କୋଟି ୬୧ଲକ୍ଷ ୮ହଜାର ୨୭୨ ଟଙ୍କାର ବୀମାଅର୍ଥ ପାଇଥିବାବେଳେ ଅହିୟାସ ସମବାୟ ସମିତିରେ ୬୧୮ଜଣ ଚାଷୀ ୬୪,୫୫,୪୪୧ ଟଙ୍କା, ଛତ୍ରପଡ଼ା ସମବାୟ ସମିତିରେ ୫୧୫ଜଣ ଚାଷୀ ୯୦,୭୩,୭୪୭ ଟଙ୍କା, ଚଷାଖଣ୍ଡ ସମବାୟ ସମିତିରେ ୮୫୭ ଜଣ ଚାଷୀ ୮୨,୫୪,୦୪୫ ଟଙ୍କା, ଗ୍ରାମନନ୍ଦିପୁର ସମବାୟ ସମିତିରେ ୪୦୮ଜଣ ଚାଷୀ ୩୫,୭୬,୩୧୧ ଟଙ୍କା, ଦଶରଥପୁର ସମବାୟ ସମିତିରେ ୯୯୫ ଜଣ ଚାଷୀ ୧,୨୭,୪୬,୬୦୧ ଟଙ୍କା, କଟିକଟା ସମବାୟ ସମିତିରେ ୬୮୭ ଜଣ ଚାଷୀ ୧ କୋଟି ୧୦ ଲକ୍ଷ ୬ ହଜାର ୪୫୬ ଟଙ୍କା, କମାରଡିହ ସମବାୟ ସମିତିରେ ୫୧୬ ଜଣ ଚାଷୀ ୭୭,୭୧,୩୮୪ ଟଙ୍କା, ମଙ୍ଗଳପୁର ସମବାୟ ସମିତିରେ ୧୯୦ଜଣ ଚାଷୀ ୩୬ ଲକ୍ଷ ୪୩ ହଜାର ୨୩୫ ଟଙ୍କା, କୁଆଁରପୁର ସମବାୟ ସମିତିରେ ୪୭୫ ଜଣ ଚାଷୀ ୩୫,୮୧,୬୭୯ ଟଙ୍କା, ନିଜାମପୁର ସମବାୟ ସମିତିରେ ୯୪୦ ଜଣ ଚାଷୀ ୧,୨୨,୬୦,୪୯୦ ଟଙ୍କା, ପାଲଟପୁର ସମବାୟ ସମିତିରେ ୫୮୯ ଜଣ ଚାଷୀ ୧,୩୩,୭୦,୧୮୦ ଟଙ୍କା ଓ ତଳିହା ସମବାୟ ସମିତିରେ ୫୯୨ ଜଣ ଚାଷୀ ୨,୪୫,୬୨,୮୮୨ ଟଙ୍କାର କୃଷିବୀମା ଅର୍ଥ ପାଇଛନ୍ତି। ଏଥିସହ ଋଣ ନ କରି ସିଧାସଳଖ ଚାଷ ଉପରେ ବୀମା କରିଥିବା ତଳିହାର ଚାଷୀ ନିରାକାର ସାହୁଙ୍କ ସହ ଅନ୍ୟ ୭ଜଣ ଚାଷୀଙ୍କୁ ଚାଷର କ୍ଷତି ବାବଦକୁ ୩୬,୩୦୬ ଟଙ୍କା ବୀମା ଅର୍ଥ ବୀମା କମ୍ପାନୀ ପ୍ରଦାନ କରିଛି। ବୀମା ଅର୍ଥ ପାଇଥିବା ଏହିସବୁ ଚାଷୀଙ୍କୁ ସେମାନଙ୍କ ଟଙ୍କା ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ବ୍ୟାଙ୍କ ପକ୍ଷରୁ ପଠାଇ ଦିଆଯିବ ବୋଲି କଟକ କେନ୍ଦ୍ରୀୟ ଶାଖା ପରିଚାଳକ ପଦ୍ମଲୋଚନ ଦାସ ପ୍ରକାଶ କରିଛନ୍ତି।

### ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ରସୁଲପୁର,୩।୮(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନସ୍ଥିତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷା ଲିଳିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ କଲେଜ ପ୍ରତିଷ୍ଠାର ପ୍ରମୁଖ ବିନ୍ଧାଣୀଙ୍କୁ ସ୍ମରଣ କରାଯାଇଥିଲା। ଏହା ଏକ ଗ୍ରାମାଞ୍ଚଳ କଲେଜ ଭାବେ ସ୍ଥାନୀୟ ଅଞ୍ଚଳରେ ବହୁ ମେଧାବୀ ଛାତ୍ରୀଛାତ୍ର ତିଆରି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି ବୋଲି ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମଣ ରାଉତ ଯୋଗ ଦେଇଥିଲେ। ଅଧ୍ୟାପକ ଦେବବ୍ରତ ମହାପାତ୍ର ଅତିଥି ପରିଚୟ ପ୍ରଦାନ, ନିତ୍ୟାନନ୍ଦ ମହାନ୍ତି ବିବରଣୀପାଠ, ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଜୟ କୁମାର ଚନ୍ଦ, ବିରଞ୍ଚି ନାରାୟଣ ରାମ, ପ୍ରଶାନ୍ତ ଘଡେଇ, ଅନ୍ନଦା ଶଙ୍କର ଶତପଥି, ତନ୍ମୟ କୁମାର ବଳ, ଅଜୟ କୁମାର ଜେନା, ଦୀପ୍ତିମୟୀ ଦାସ, ପ୍ରମୋଦିନୀ ପଣ୍ଡା, ଅନିତା ଷଡଙ୍ଗୀ, ପ୍ରଣତି ରାଉତ, ଶୁଭେନ୍ଦୁ ପଟ୍ଟନାୟକ, ସୁଲୋଚନା ସାହୁ ପ୍ରମୁଖ କଲେଜ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଲିଳିତା ମହାନ୍ତି ବିଦ୍ୟାର୍ଥୀଙ୍କ ପାଇଁ ବିଶ୍ରାମ ଗୃହ, ସଭାଗୃହ, ପାଚେରୀ ନିର୍ମାଣ, ସାଇକେଲ ଷ୍ଟାଣ୍ଡ, ପାଠାଗାର ପ୍ରକୋଷ୍ଠ, କଲେଜ ପରିସରରେ ଆଲୋକୀ କରଣ ଆଦି ସମସ୍ୟା ସମ୍ପର୍କରେ ବିଧାୟକ ବଳଙ୍କୁ ଅବଗତ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ରସୁଲପୁର,୩।୮(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର କମାରପାଳ ସ୍ଥିତ ଚଣ୍ଡିମାତା ଉପ୍ରା ଦିବଦ୍ୟାଳୟ ପରିସରରେ ଆଜି ରସୁଲପୁର ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର ସଭାପତି ପ୍ରମୋଦ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଭାବାନ ଶିକ୍ଷକ, ଶିକ୍ଷାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶିକ୍ଷିକାଶିକ୍ଷକମାନେ ସମାଜର ଆଲୋକ ବର୍ତ୍ତିକା ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ରାଜ୍ୟ ଅଲଓଷ୍ଟା ରାଜ୍ୟ ସମ୍ପାଦକ ପ୍ରକାଶ ଜେନା, ସମ୍ମାନିତ ଅତିଥି ଭାବରେ ବ୍ଲକ ଶିଯାଧିକାରୀ ସାନ୍ତନୁ କର, ପ୍ରଫୁଲ କୁମାର ବେହେରା, ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା, ମନୋଜ କୁମାର ମହାପାତ୍ର, କିଶୋର ଚନ୍ଦ୍ର ମହାରଥା, ଜର୍ନାଦ୍ଦନ ଦାସ, ତପନ କୁମାର ତ୍ରିପାଠୀ, ବିକ୍ରମ କୁମାର ଦାସ, ନିର୍ମଳା ପଣ୍ଡା. ବୈରାଗୀ ଚରଣ ଘଡାଇ, କୋରଇ ବ୍ଲକର ଶିକ୍ଷକ ନେତା ବିଜୟ କୁମାର ଶତପଥି, ରତ୍ନାକର ପଲେଇ, ଧର୍ମଶଳା ବ୍ଲକରୁ ସୁବାଷ ବେହେରା, ହୃଷିକେଶ ସାମଲ,ସତ୍ୟାନନ୍ଦ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସାମାଜରେ ପ୍ରତିଭା ସୃଷ୍ଟି କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୫ଜଣ ଶିକ୍ଷିକା, ଶିକ୍ଷକ, ଶିକ୍ଷାକର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଦୀପ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବାଷ ପାଢୀ ସ୍ୱାଗତ ଭାଷଣ ଓ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅରୁଣ କୁମାର ସ୍ୱାଇଁ, ପ୍ରକାଶ ରଣା, ସୁଧାଂଶୁ ସାହୁ, ଦେବକୀ ପାତ୍ର, ରାଜେନ୍ଦ୍ର ସାହୁ, ମହେନ୍ଦ୍ର ବିଶ୍ୱାଳ, ଜ୍ଞାନରଂଜନ ବିଶ୍ୱାଳ, ଉତ୍କଳନୀ ଦାସ ଓ ମମତାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଅ ନିର୍ଯ୍ୟାତନା ଯୋଗୁ ବାପା ସମ୍ପତ୍ତି ଦାନ କରିବା ଘଟଣା

# ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ସମ୍ମତିପତ୍ର

**ଯାଜପୁର ଟାଉନ,୩।୮(ଡିଏନଏ)**

ଯାଜପୁର ଜିଲାର ଜଣେ ବରିଷ୍ଠ ନାଗରିକ ତାଙ୍କ ପୁଅ ଓ ବୋହୂଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜିଲାପାଳଙ୍କୁ ତାଙ୍କ ସମ୍ପତ୍ତି ପ୍ରଦାନ କରିବା ପାଇଁ ୱିଲ ପ୍ରଦାନ କରିଥିଲେ। ମାତ୍ର ଏହି ଘଟଣାର ମୋଡ଼ ବଦଳିଯାଇଛି। ଜିଲାପାଳଙ୍କୁ ବାପା ଓ ପୁଅ ଭେଟି ସମସ୍ୟାର ସମାଧାନ ପାଇଁ ଲିଖିତ ସମ୍ମତି ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲା ଦଶରଥପୁର ବ୍ଲକ ମୁରାରିପୁର ଗ୍ରାମର ବରିଷ୍ଠ ନାଗରିକ କ୍ଷେତ୍ରମୋହନ ମିଶ୍ର ୪ଦିନ ତଳେ ତାଙ୍କ ପୁଅ ଓ ବୋହୂଙ୍କ ଠାରୁ ନିର୍ଯାତନା ପାଉଥିବା ନେଇ ଜିଲାପାଳଙ୍କୁ ଜଣାଇବା ସହ ତାଙ୍କର ସମସ୍ତ ସମ୍ପତ୍ତି ଜିଲା ପ୍ରଶାସନ ନାମରେ ଲେଖିଦେବା ସହ ୱିଲ ପ୍ରଦାନ କରିଥିଲେ। ଏପରିକି ତାଙ୍କ ମୃତ୍ୟୁ ପରେ ତାଙ୍କ ମର ଶରୀର ଉପରେ ପୁଅର କୌଣସି ଅଧିକାର ରହିବ ନାହିଁ ବୋଲି ସେହି ୱିଲରେ ଲେଖିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କ୍ଷେତ୍ରବାସୀ ଓ ତାଙ୍କ ପୁଅ ସୂର୍ଯ୍ୟମଣୀ ଜିଲାପାଳଙ୍କୁ ଭେଟି ବାପାଙ୍କର ସମସ୍ତ ଦାୟିତ୍ୱ ନେବେ ବୋଲି ସୂର୍ଯ୍ୟମଣି ସହମତି ପ୍ରକାଶ କରିବା ସହ ବାପାଙ୍କ ମନରେ ଥିବା କ୍ଷୋଭକୁ ପ୍ରସମିତ କରାଇଛନ୍ତି। ଏ ନେଇ ଏକ ସମ୍ମତିପତ୍ର ସେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଏହା ପାରିବାରିକ ବିବାଦ ହୋଇଥିବାରୁ ଏହାକୁ ପରିବାର ମଧ୍ୟରେ ସମାଧାନ କରାଯିବା ଉଚିତ୍ ବୋଲି କହିଛନ୍ତି।

# ମଦ ଦୋକାନ ବନ୍ଦ କଲେ ମହିଳା

**ଚଣ୍ଡିଖୋଲ,୩।୮(ଡି.ଏନ.ଏ)**



ମହିଳାମାନେ ମଦ ଦୋକାନ ବନ୍ଦ କରୁଛନ୍ତି।

ବଡ଼ଚଣା ବ୍ଲକ ତାଲୁଆ ବାଲିକୁଦାଠାରେ ଥିବା ଏକ ବିଦେଶୀ ମଦ ଦୋକାନକୁ ମହିଳାମାନେ ଶନିବାର ଘେରାଉ କରିବା ସହ ବନ୍ଦ କରିଥିଲେ। ଏହି ମଦ ଦୋକାନ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବାରମ୍ବାର ଦାବି କରିବା ସହ ପୂର୍ବରୁ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ ଓ ପୋଲିସକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ମହିଳାମାନେ ଶନିବାର ମଦ ଦୋକାନ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସମ୍ପୃକ୍ତ ଦୋକାନ ମ୍ୟାନେଜର ଏଭଳି ଅବସ୍ଥା ଦେଖି ଦୋକାନ ବନ୍ଦ କରି ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଦ ଦୋକାନୀଙ୍କୁ ଦୋକାନ ବନ୍ଦ କରିବା ପାଇଁ ପରାମର୍ଶ ଦେବା ସହ ସେମାନଙ୍କୁ ଯାଜପୁର ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ଦେବାକୁ କହିଥିଲେ। ତାଲୁଆ ବାଲିକୁଦାଠାରେ ମଦ ଦୋକାନ ରହିବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଶାଗ୍ରସ୍ତ ହୋଇ ପରିବାର ମଧ୍ୟରେ ବାରମ୍ବାର କଳହ ସୃଷ୍ଟି ହୋଇଛି। ଏହି ମଦ ଦୋକାନ କୃଷ୍ଣଦାସପୁର-ରତ୍ନଗିରି ରାସ୍ତା କଡ଼ରେ ହୋଇଥିବାରୁ ଏହି ରାସ୍ତା ଦେଇ କଲେଜ ଛାତ୍ରୀ ମାନେ ଯିବାକୁ ଅସୁରକ୍ଷିତ ମଣୁଛନ୍ତି। ସେହିଭଳି ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ଆସୁଥିବା ପର୍ଯ୍ୟଟକଙ୍କ ପ୍ରତି ଅସାମାଜିକ ବ୍ୟକ୍ତି ଦୁର୍ବ୍ୟବହାର କରୁଥିବା ଅଭିଯୋଗପତ୍ରରେ ମହିଳାମାନେ ଦର୍ଶାଇଛନ୍ତି। ଏପରିକି ବହୁ ଗରିବ ପରିବାର ମଦ ପାଇଁ ସର୍ବସ୍ୱାନ୍ତ ହେଉଥିବା ମହିଳାମାନେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରେ, ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ମହିଳାଙ୍କୁ ବୁଝାସୁଝା କରି ଘଟଣାସ୍ଥଳରୁ ଫେରାଇ ଦିଆଯାଇଛି। ସେମାନେ ଏ ସମ୍ପର୍କରେ ଅବକାରୀ ବିଭାଗ କିମ୍ବା ଜିଲାପାଳଙ୍କ ସହିତ ଆଲୋଚନା କରିପାରିବେ।

### ପାଇଖାନା ନ ଥିଲେ ଜଳ ଯୋଗାଣ ବନ୍ଦ ନିର୍ଦ୍ଦେଶ

**ଯାଜପୁର ଟାଉନ,୩।୮(ଡିଏନଏ)**

ବିଭିନ୍ନ ପଞ୍ଚାୟତର ବ୍ୟକ୍ତିଗତ ପାଇଖାନା ନ ଥିଲେ ପାଣି ଯୋଗାଣ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଇଏଚ୍ଏଚ୍ଏଲ୍ ବା ବ୍ୟକ୍ତିଗତ ପାଇଖାନା ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ଅଧିକାରୀ ଓ ହିତାଧିକାରୀଙ୍କ ଅସହଯୋଗ ଯୋଗୁ ଏହି ଯୋଜନା ସୁଫଳ ହୋଇପାରୁ ନାହିଁ। ଫଳରେ ଲୋକେ ବାହାରେ ଶୌଚ କରୁଥିବାରୁ ପରିବେଶ ଦୂଷିତ ହେବା ସହ ଗ୍ରାମ, ପଞ୍ଚାୟତ, ବ୍ଲକ୍ ଏବଂ ଜିଲାର ସମ୍ମାନ କ୍ଷତି ହେଉଛି। କେତେଜଣ ଅସହଯୋଗ ହିତାଧିକାରୀଙ୍କ ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଉଛି। ସେଥିପାଇଁ ଯେଉଁମାନେ ପାଇଖାନା କରୁନାହାନ୍ତି ସେମାନଙ୍କୁ ପାଇପ୍ ପାଣି ଯୋଗାଣ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲାସ୍ତରୀୟ ପ୍ରତିଯୋଗିତାରେ ପକ୍ଷପାତିତା, ଅନିୟମିତତା ଅଭିଯୋଗ

# ନିରପେକ୍ଷ ତଦନ୍ତ ପାଇଁ ଅଭିଭାବକଙ୍କ ଦାବି

**ଯାଜପୁର ଟାଉନ,୩।୮(ଡିଏନଏ)**

ସ୍ୱାଧିନତା ଦିବସ ପାଇଁ ଆୟୋଜିତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ପ୍ରତିଯୋଗିତାରେ ପକ୍ଷପାତିତା ଓ ଅନିୟମିତତା ହୋଇଥିବା କିଛି ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନଭିଜ୍ଞ ବ୍ୟକ୍ତିମାନଙ୍କୁ ବିଚାରକ ଭାବେ ନିଯୁକ୍ତ କରାଯାଇଥିଲା। ଫଳରେ ସେମାନେ ନିଜ ପସନ୍ଦର ଛାତ୍ରୀଛାତ୍ରଙ୍କୁ ବିଜୟୀ କରିଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୧୫ ପାଇଁ ବିଭିନ୍ନ ବର୍ଗ ଓ ବିଭାଗର ପ୍ରତିଯୋଗିତା ଜିଲା ସ୍କୁଲ ପରିସରରେ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଭାଗ ନେଇଥିଲେ। ଜୁନିୟର ସଂଗୀତ ବିଭାଗରେ ବହୁ ଛାତ୍ରୀଛାତ୍ର ଭଲ ସଂଗୀତ ପ୍ରଦର୍ଶନ କରିଥିଲେ। ମାତ୍ର ଯେଉଁ ପ୍ରତିଯୋଗୀ ସମ୍ପୂର୍ଣ୍ଣ ଗୀତ ଗାଇ ପାରି ନ ଥିଲେ ଓ ବିଚାରକ ମଣ୍ଡଳୀ ସେମାନଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ, ପରେ ସେମାନଙ୍କୁ ବିଜୟୀ ଘୋଷଣା କରାଯାଇଛି। ଯାହାକୁ ନେଇ ସେଠାରେ ଉପସ୍ଥିତ ଅଭିଭାବକ ଅସନ୍ତୋଷ ପ୍ରକାଶ କରିବା ସହ ପାଟିତୁଣ୍ଡ କରିଥିଲେ। ଅଭିଯୋଗ ଅନୁଯାୟୀ, ଜିଲା ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗ ପକ୍ଷରୁ କଳାକାର ଭତ୍ତା ପାଉଥିବା ଗ୍ରାମ୍ୟ କଳାକାର, ଅସ୍ଥାୟୀ ସଂଗୀତ ଶିକ୍ଷକ ଓ ପାଲା ଗାୟକଙ୍କୁ ଆଣି ବିଚରକ ଭାବେ ନିଯୁକ୍ତି କରାଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମାତ୍ର ବିଭାଗ ପକ୍ଷରୁ ଏହାକୁ ସଂଶୋଧନ କରା ନ ଯାଇ ଚିରାଚରିତ ଭାବେ ସହି କଳାକାରଙ୍କୁ ବିଚାରକ ଭାବେ ଦାୟିତ୍ୱ ପ୍ରଦାନ କରାଯାଉଛି। ଅପରପକ୍ଷରେ ବିଭାଗର କିଛି କର୍ମଚାରୀ ମଧ୍ୟ ନିଜ ସମ୍ପର୍କୀୟଙ୍କୁ ବିଜୟୀ କରାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏତଦ୍ ବ୍ୟତୀତ ଜିଲା ସଂସ୍କୃତି ପରିଷଦର କିଛି ସଦସ୍ୟ ମଧ୍ୟ ନିଜ ସମ୍ପର୍କୀୟଙ୍କୁ ପ୍ରତିଯୋଗିତାରେ ବିଜୟୀ କରାଉଛନ୍ତି ବୋଲି ଅଭିଯୋଗ ହେଉଛି। ଏ ଦିଗରେ ଜିଲାପାଳ ଏଭଳି ଅନିୟମିତତା ଓ ପକ୍ଷପାତିତାର ନିରପେକ୍ଷ ତଦନ୍ତ କରିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ପଚାରିବାରେ, ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ। ଠିକ୍ ଚୟନ କରାଯାଇଛି। ଯେଉଁମାନଙ୍କ ପିଲା ଯୋଗ୍ୟ ବିବେଚିତ ହୋଇପାରିନାହାନ୍ତି, ସେମାନେ ଏଭଳି ଅଭିଯୋଗ କରୁଛନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ଜଳିଗଲା ତୁଳା ଗୋଦାମ

**ଯାଜପୁର ରୋଡ୍,୩।୮(ଡି.ଏନ୍.ଏ.):** ଯାଜପୁର ରୋଡ୍ ସହରରସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଥିବା ତୁଳାଗୋଦାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ତୁଳା ପୋଡି ଯାଇଥିବା ଜଣାପଡିଛି। ଯାଜପୁର ରୋଡ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**କଳିଙ୍ଗନଗର,୩।୮(ଡି.ଏନ୍.ଏ):** ଯଖପୁରା ଥାନା ପୋଲିସ ଶନିବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଯଖପୁରା ଗ୍ରାମର ପପୁ ମଲ୍ଲିକ(୨୫)। ପ୍ରକାଶ ଯେ, ୧୩।୧୦।୧୮ରେ ରାବଣା (ଦଶମାଣିଆ)ଗ୍ରାମର କିଶୋର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ପପୁ ଓ ତାଙ୍କ ଭାଇ ଦିପୁ ମିଶି ରାବଣା ଛକ ନିକଟରେ ମରଣାନ୍ତକ ଆକ୍ରମଣ କରିଥିବାନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୭୭/୧୮) ରୁଜୁକରି ଦିପୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ପପୁ ଫେରାର ରହିଥିଲା। ଶୁକ୍ରବାର ରାତିରେ ସେ ଘରକୁ ଆସିଥିବାର ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

### କଳିଙ୍ଗନଗର ପୋଲିସ ପକ୍ଷରୁ ୯ ଶିଶୁ ଶ୍ରମିକ ଉଦ୍ଧାର

**କଳିଙ୍ଗନଗର,୩।୮(ଡି.ଏନ୍.ଏ.):** କଳିଙ୍ଗନଗର ପୋଲିସ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। କଳିଙ୍ଗନଗର ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ, ଢାବା, ଗ୍ୟାରେଜ, ଇଟାଭାଟିରେ ଶିଶୁ ଶ୍ରମିକଙ୍କୁ କାମ କରାଯାଉଥିବା ଖବର ପାଇ ଥାନା ଅଧିକାରୀ,ଏସ୍ଆଇ ମଧୁସ୍ମିତା ମହାନ୍ତି ଚଢ଼ାଉ କରିଥିଲେ।

### ୪୦ ଲିଟର ଦେଶୀ ମଦ ଜବତ, ବ୍ୟବସାୟୀ ଗିରଫ

**କଳିଙ୍ଗନଗର,୩।୮(ଡି.ଏନ୍.ଏ.):** ଟମ୍କା ପୋଲିସ ଶନିବାର ଗୋବର୍ଦ୍ଧନପୁର ଗ୍ରାମରେ ଚଢାଉ କରି ୪୦ ଲିଟର ଦେଶୀ ମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଟମକା ଥାନା ଗୋବର୍ଦ୍ଧନପୁର ଗ୍ରାମର ରଞ୍ଜନ ପାତ୍ର(୪୧)। ଏ ନେଇ ପୋଲିସ ଏକ ମାମଲା (ନଂ ୫୯/୧୯) ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ପ୍ରକାଶ ଯେ, ରଞ୍ଜନ ଘର ବାଡିରେ ମଦ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ଥାନାଧିକାରୀ ସଂଘମିତ୍ରା ନାୟକ ଖବର ପାଇ ଚଢାଉକରିଥିଲେ। ଚଢାଉବେଳେ ରଞ୍ଜନଙ୍କ ବାରିରୁ ମାଟିତଳୁ ପ୍ଲାଷ୍ଟିକ ବୋତଲରେ ଭର୍ତ୍ତିହୋଇ ପୋତାଯାଇଥିବା ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

### ୨ କ୍ରୋମାଇଟ ବୋଝେଇ ଟ୍ରକ୍ ଜବତ

**ଡୁବୁରୀ,୩।୮(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ପୋଲିସ ଶନିବାର ରାତିରେ ଧଉଳି କ୍ୟାମ୍ପସ ନିକଟ ରାସ୍ତାରେ ଚଢାଉ କରି ୨ଟି କ୍ରୋମାଇଟ୍ ବୋଝେଇ ଟ୍ରକ୍ ଜବତ କରିଛି। ଜବତ ଟ୍ରକ୍‌ଗୁଡିକ ପାଶ୍ଚିମବଙ୍ଗ ରାଜ୍ୟର ବୋଲି ପୋଲିସି ସୂଚନା ଦେଇଛି। ପ୍ରକାଶ ଯେ, ସୁକିନ୍ଦା ଥାନା ପୁବଳ ନିକଟରେ ଥିବା କ୍ରୋମ ସାଗର ପ୍ଲାଣ୍ଟରୁ କ୍ରୋମାଇଟ ବୋଝେଇ କରି ଯାଜପୁରରୋଡ ଆଡକୁ ଟ୍ରକ୍ ୨ଟି ଯାଉଥିବା ଖବର ପାଇ ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଚଢାଉ କରିଥିଲେ।

### ଦୋକାନ କାନ୍ଥ ତାଡି ଲୁଟ୍

**କୋରେଇ, ୩।୮(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅଞ୍ଚଳ ପାଣି କୋଇଲି ବଜାରରେ ଥିବା ପଣ୍ଡା ସିମେଣ୍ଟ ଓ ରଡ଼ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଦୋକାନ କାନ୍ଥଖୋଲି ଗୋଟିଏ ଲାପଟପ ଓ ୫ ହଜାର ପାଖାପାଖି ଟଙ୍କା ନେଇଯାଇଛନ୍ତି। ଏ ନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ତେବେ ଦୁର୍ବୃତ୍ତମାନେ ପଣ୍ଡା ଅଳଙ୍କାର ଦୋକାନକୁ ଚୋରି କରିବାକୁ ଆସିଥିବାବେଳେ ଭୁଲବଶତଃ ଜାଣି ନ ପାରି ସିମେଣ୍ଟ ଗୋଦାମରେ ଚୋରିକରି ନେଇ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

**ବ୍ୟାପୁଛି ରୋଗ**

# ଟ୍ୟାପ୍‌ରୁ ବାହାରୁଛି ନର୍ଦ୍ଦମା ପାଣି

**ଯାଜପୁର ବ୍ଲକ**

- ୧୯୭୫ ମସିହାରେ ବିଛା ଯାଇଥିଲା ପାଣି ପାଇପ୍
- ମରାମତି କିମ୍ବା ବଦଳାଯାଉନି
- ଜଣ୍ଡିସ ରୋଗୀଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ

**ଯାଜପୁର ଟାଉନ,୩।୮(ଡିଏନଏ)**

ଯାଜପୁର ସହରରେ ଟ୍ୟାପ୍ ଖୋଲିଲେ ଏବେ ପ୍ରାୟ ଜାଗାରେ ନର୍ଦ୍ଦମା ପାଣି ବାହାରୁଛି ଓ ଗନ୍ଧରେ ନାକ ଫାଟି ପଡୁଛି। ତଥାପି ଲୋକେ ଏହି ପାଣି ପିଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜଣ୍ଡିସ ରୋଗରେ ପୀଡିତ ହେଉଥିବା ଜଣାଯାଇଛି। ମାତ୍ର କେତେ ଲୋକ ଏହି ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି ତାହାର ଖବର ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କ ନିକଟରେ ନ ଥିବା ଜଣାପଡିଛି।

ଯାଜପୁର ସହର ପୌରାଞ୍ଚଳର ୧୮ଟି ୱାର୍ଡରେ ପ୍ରାୟ ୪୩ହଜାର ୪୩୮ ଲୋକ ବାସ କରନ୍ତି। ସେଥିରୁ ୧୨ଟି ୱାର୍ଡରେ ସମ୍ପୂର୍ଣ୍ଣ ଜଳ ଯୋଗାଣ କରାଯାଉଥିବାବେଳେ ୬ଟି ୱାର୍ଡରେ ଆଂଶିକ ଜଳ ଯୋଗାଣ କରାଯାଇଛି। ଏହି ପୌରାଞ୍ଚଳ ପାଇଁ ୬.୭୪ ଏମଏଲଡି ଜଳ ଆବଶ୍ୟକ ଥିବାବେଳେ ୬.୧୪ ଏମ.ଏଲ.ଡି ଜଳ ଯୋଗାଇ ଦିଆଯାଉଛି। ଏହି ପୌରାଞ୍ଚଳର ପ୍ରାୟ ୮୦% ଲୋକ ଯାଜପୁର ଜନସ୍ୱାସ୍ଥ୍ୟ (ପିଏଚ୍‌ଡି) ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ଉପରେ ନିର୍ଭର କରିଥାନ୍ତି। ଏଣୁ ସମଗ୍ର ଯାଜପୁରବାସୀଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ଉକ୍ତ ବିଭାଗ ପକ୍ଷରୁ ୧୯୭୫ ମସିହାରେ ପାଣି ପାଇପ୍ ବିଛା ଯାଇଥିଲା। ଏବେ ସମଗ୍ର ସହରରେ ୮୯.୭୬କି.ମି ପାଣି ପାଇପ୍ ବିଛାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ପାଇପ୍ ଲାଇନ୍‌ରୁ ସହରର ୨୧୩୪ଟି ପରିବାରକୁ ପାଣି ଯୋଗାଇ ଦିଆଯାଉଛି। ସେହିପରି ୧୩୦ଟି ସରକାରୀ କ୍ୱାର୍ଟର୍ ଓ ୪୦ଟି ସରକାରୀ ଅଫିସ୍‌କୁ ମଧ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଯାଉଛି। ତାଛଡା ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମଗ୍ର ପୌରାଞ୍ଚଳରେ ୨୦୭ଟି ଷ୍ଟାଣ୍ଡପୋଷ୍ଟର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଆଜକୁ ୪୪ବର୍ଷ ହେବ ଯାଜପୁର ସହରରେ ବିଛା ଯାଇଥିବା ପାଣିପାଇପ୍ ଲାଇନ୍‌ଗୁଡିକୁ ମରାମତି କରିବା ସମ୍ଭବପର ହୋଇପାରୁ ନାହିଁ। କାରଣ ୧୯୭୫ମସିହାରୁ ବିଛାଯାଇଥିବା ଏହି ପାଇପ୍‌ଗୁଡିକ ସହରର ବିଭିନ୍ନ ରାସ୍ତା କଡରେ ଥିଲା। ଦୀର୍ଘ ୪୪ ବର୍ଷର ବ୍ୟବଧାନରେ ସହରର ବିଭିନ୍ନ ରାସ୍ତାଘାଟର ରୂପରେଖ ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ପୂର୍ବରୁ ଏହି ସହରରେ ଥିବା ମୋରମ୍ ଓ ପିଚୁରାସ୍ତା ଏବେ କଂକ୍ରିଟ୍ ରାସ୍ତାରେ ପରିଣତ ହୋଇଛି। ରାସ୍ତାର ଉଚ୍ଚତା ମଧ୍ୟ ବୃଦ୍ଧି ପାଇଛି। ଫଳରେ ପୂର୍ବରୁ ବିଛାଯାଇଥିବା ଏହିପାଇପ୍ ଲାଇନ୍‌ଗୁଡିକ କଂକ୍ରିଟ୍ ରାସ୍ତାର ୪ଫୁଟ୍ ତଳେ ପୋତିହୋଇ ରହିଛି। ଏବେ ଅନେକ ସ୍ଥାନରେ ପାଇପ୍‌ଲାଇନ୍ ଫାଟିଯାଇଛି। ସେଗୁଡିକ ମରାମତି କରିବା କଷ୍ଟକର ହୋଇପଡିଥିବାବେଳେ ଅନେକ ସ୍ଥାନରେ ପାଇପ ଫାଟି ନର୍ଦ୍ଦମା ପାଣି ମିଶୁଛି। ଯାଜପୁର ଜନସ୍ୱାସ୍ଥ୍ୟ ବିଭାଗଙ୍କ ବେପରୁଆ ନୀତି ଯୋଗୁ ଯାଜପୁରବାସୀମାନେ ନର୍ଦ୍ଦମା ପାଣି ପିଉଛନ୍ତି। ମୁଖ୍ୟତଃ ଯାଜପୁର ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ଯୋଗାଇ ଦିଆଯାଉଥିବାବେଳେ ଏହାର ତତ୍ତ୍ୱାବଧାନ ନ କରିବା ଫଳରେ ପାଇପ୍‌ରେ ଦୂଷିତ ଜଳ ଆସୁଛି। ଜନସ୍ୱାସ୍ଥ୍ୟ ବିଭାଗ ପାଣିଟାଙ୍କିଗୁଡିକୁ ସଫା ନ କରିବା, ଅନେକ ସମୟରେ ବ୍ଲିଚିଂ ପାଉଡର ନ ପକାଇବା ଯୋଗୁ ଲୋକେ ଦୂଷିତ ଜଳ ପିଉଛନ୍ତି। ଫଳରେ ଲୋକେ ବହୁ ଭୂତାଣୁ ଜନିତ ଯଥା ଚର୍ମରୋଗ, ଡାଇରିଆ, ନାଳରକ୍ତ ଝାଡା, ଜଣ୍ଡିସ ପ୍ରଭୃତି ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି। ସହରରେ ଥିବା ଷ୍ଟାଣ୍ଡପୋଷ୍ଟରୁ ପ୍ରାୟତଃ ସହରରେ ଥିବା ଘରୋଇ ଲୋକ, ସମସ୍ତ ଜଳଖିଆ ଦୋକାନ, ହୋଟେଲ ବ୍ୟବହାର କରିଥାନ୍ତି। ଏଠାରେ ଥିବା ପମ୍ପ ହାଉସରେ ବିଭିନ୍ନ ପ୍ରକାର ଆବର୍ଜନା, ଅନାବନା ଗଛ ଏପରିକି ବହୁ ବିଷଧର ସାପ ଖେଳୁଥିବା ଜଣାପଡିଛି। ଅନେକ ସମୟରେ ଏଥିରେ ବିଷଧର ଜନ୍ତୁ ମରିପଡିଥିବା ମଧ୍ୟ ଅଭିଯୋଗ ହେଉଛି। ମରାମତି କଥା ଦୂରରେ ଥାଉ, କେଉଁ ସ୍ଥାନରୁ ପାଣି ଲିକେଜ୍ ହୋଇଛି ତାକୁ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଠାବ କରିବା କଷ୍ଟକର ହୋଇପଡିଛି। ଯାଜପୁରରେ ପାଇପ୍ ଲାଇନ୍ ନୁହେଁ, ପାନୀୟ ଜଳଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ ଉକ୍ତ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ୨୬ଟି ସ୍ଲୁଇସ୍ ଭାଲ୍‌ବ ଚାମ୍ବର ମଧ୍ୟରୁ ଏବେ ୧୧ଟି ଚାମ୍ବର ଏହି କଂକ୍ରିଟ୍ ରାସ୍ତାତଳେ ପୋତି ହୋଇ ରହିଛି। ଏବେ କୌଣସି ରାସ୍ତାରେ ମରାମତି କରାଯାଇ ପାରୁ ନାହିଁ। କିମ୍ବା ନୂଆକରି ପାଣି କନେକ୍ସନ୍ ନେବାକୁ ଚାହୁଁଥିବା ଲୋକ ସୁବିଧା ପାଇପାରୁ ନାହାନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଅବନୀ କୁମାର ଖୁଣ୍ଟିଆଙ୍କୁ ପଚାରିବାରୁ, କଂକ୍ରିଟ୍ ରାସ୍ତା ଯୋଗୁ ବିଭିନ୍ନ ଜାଗାରେ ଫାଟୁଥିବା ପାଣି ପାଇପ୍‌ଗୁଡିକ ମରାମତି ହୋଇପାରୁ ନାହିଁ ବୋଲି ସଫେଇ ଦେଇଛନ୍ତି। କଂକ୍ରିଟ୍ ରାସ୍ତା ନିର୍ମାଣ ପୂର୍ବରୁ ଏ ଦିଗରେ ଦୃଷ୍ଟିଦେବାର ଆବଶ୍ୟକତା ଥିଲା। କିନ୍ତୁ ସେ ସମୟରେ ରାସ୍ତା ନିର୍ମାଣ କରିଥିବା ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ନାହିଁ ଓ କେଉଁ ଜାଗାରୁ ପାଇପ୍ ଫାଟି ନର୍ଦ୍ଦମା ପାଣି ମିଶୁଛି ତାହା ମଧ୍ୟ ଜାଣିବା କଷ୍ଟକର ବ୍ୟାପାର ହୋଇଛି। ତେବେ ନୂତନ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ତାହା ସମ୍ପୂର୍ଣ୍ଣ ହେବା ପରେ ନୂତନ ପାଇପ୍ ଲାଇନ୍ ଦେଇ ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି।

## ଗୋଲାପ ଫୁଲ ଦେଇ ସଡ଼କ ସଚେତନତା ବାର୍ତ୍ତା

**ସୁକିନ୍ଦା,୩।୮(ଡି.ଏନ୍.ଏ.)**

ସୁକିନ୍ଦା ଥାନା ପୋଲିସ ଓ ସୁକିନ୍ଦା କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ଏକ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା କଲେଜ ପ୍ରାଙ୍ଗଣରୁ ଏକ ରାଲି ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସ୍ଲୋଗାନ ଦେଇ ସୁକିନ୍ଦାଗଡ ବାଘପୋଖରୀ ଛକ ନିକଟରେ ପହଞ୍ଚିଥିଲେ। ଏହାପରେ ୫୩ ନମ୍ବର ଜାତୀୟ ରାଜପଥ ଉପରେ ହେଲମେଟ ପିନ୍ଧିଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ସେହିପରି ସିଟ୍ ବେଲ୍ଟ ପିନ୍ଧିବା ଚାରି ଚକିଆ ଗାଡି ଚାଳକଙ୍କୁ ଗୋଲାପ ଫୁଲ ଦେବା ସହ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କରେ କହିଥିଲେ। ପରେ ବାଘପୋଖରୀ ଛକରୁ ପୁଣି ଏକ ରାଲି ଶୋଭାଯାତ୍ରାରେ ସୁକିନ୍ଦା ରଥଛକ ଦେଇ ସୁକିନ୍ଦା ଥାନା ପର୍ଯ୍ୟନ୍ତ ସଚେତନତା ରାଲି କରାଯାଇଥିଲା। ସୁକିନ୍ଦା ଥାନାଧିକାରୀ ବିଚିତ୍ରା ନନ୍ଦ ସେଠୀ, ଏଏସ୍ଆଇ, କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଶତପଥୀ, ଲକ୍ଷ୍ମୀକାନ୍ତ ଦାସ, ଦୀପକ ପ୍ରଧାନ, ସୋମନାଥ କାନୁନଗୋ ପ୍ରମୁଖଙ୍କ ନେତୃତ୍ୱରେ ସଚେତନତା ରାଲି କରାଯାଇଥିଲା।

# ଧାରଣା ସ୍ଥଳକୁ ଆସିଲେନି ଅଧିକାରୀ



ଯୁବକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ଦ୍ୱିତୀୟ ଦିନରେ ଶହୀଦ ଭଗତ୍ ସିଂ ଯୁବକ ସଂଘର ଗଣ ଧାରଣା**

**ଯାଜପୁର ରୋଡ,୩।୮(ନି.ପ୍ର.)**

ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍ ଡିଭିଜନାଲ ମାନ୍ୟତା ଦେବା ସହ ୧୦୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବା ଦାବିରେ ଶହୀଦ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ଦିଆଯାଇଥିବା ଗଣ ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହେଲେ ଧାରଣାସ୍ଥଳକୁ ପ୍ରଶାସନିକ ଅଧିକାରୀ କିମ୍ବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଆସି ନ ଥିବାରୁ ଆଗାମୀ ଦିନରେ ଧାରଣାକୁ ନୂଆମୋଡ ନିଆଯିବ ବୋଲି ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦ୍ୱିତୀୟ ଦିନ ଧାରଣାରେ ନିଶା ନିବାରଣ ଆବାହକ ବିଶ୍ୱଜିତ୍ ମହାନ୍ତି, ଉପେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ସହ-ସମ୍ପାଦକ ପ୍ରଫୁଲ୍ଲ ନାୟକ, ସୁରେଶ ହୋତା, ବଣିକ ସଂଘର ସଭାପତି ରାଜେନ୍ଦ୍ର ସାମଲ, ଭଗତ୍ ସିଂ ଯୁବକ ସଂଘର ସମ୍ପାଦକ ହେମନ୍ତ ଧୀର, ଅକ୍ଷୟ ନାୟକ, କଳିଙ୍ଗ ପହି, ମହେଶ୍ୱର ନାୟକ, ମାଣିକ ଗାଗାରାଇ, ପରେଶ ଦାସ, ବିଜୟ ନନ୍ଦି, ଗୋବିନ୍ଦ ବାରିକ, ବିଭୁତି ବଳିୟାର ସିଂ, ମାଇସା ବାସ୍କୋ, ଶିବ ଡାଙ୍ଗିଲ, ବନ ଗାଗାରାଇ, କୁନା ଟୁଡୁ, ଲକ୍ଷ୍ମଣ ଚରଣ ରଣା, ନନ୍ଦ କିଶୋର ମହାନ୍ତି, ସନାତନ ମଲ୍ଲିକ, କଳାକାର ବ୍ରଜକିଶୋର ପଣ୍ଡା, ପରିକ୍ଷିତ ମଲ୍ଲିକ ପ୍ରମୁଖ ସାମିଲ ହେଇଛନ୍ତି।

## ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୩।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନସ୍ଥ ରେଖିଦେଇପୁର ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ ଶୁକ୍ରବାର ରାତିରେ ଚଢାଉକରି ଜଣଙ୍କୁ ଗିରଫ କରିଛି। ଏଥିସହ ୨୫୦ବୋତଲ ବିଦେଶୀ ଓ ୪୫ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ପ୍ରମୋଦ ପରିଡା। ଏ ନେଇ ଏକ ମାମଲା (ନଂ.୧୭୫/୧୯) ରୁଜୁକରି ଶନିବାର ପ୍ରମୋଦଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଚଢାଉରେ ଏସ୍ଆଇ ଅକ୍ଷୟ କୁମାର ବେହେରା, କନଷ୍ଟେବଳ ସୁନୀଲ କୁମାର ସାମଲ ଓ ସୁଦୀପ୍ତ କୁମାର ନାୟକ ସାମିଲ ଥିଲେ।

## ପ୍ରେସ୍ ଫୋରମ୍ ପକ୍ଷରୁ ପ୍ରସ୍ତୁତି ବୈଠକ

**ଯାଜପୁର ରୋଡ,୩।୮(ନି.ପ୍ର.)**

ବ୍ୟାସନଗର ପ୍ରେସ ଫୋରମ ପକ୍ଷରୁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରେସ୍ ଫୋରମ ପକ୍ଷରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ଆସନ୍ତା ୫ତାରିଖ ଖଣ୍ଡାହାତା ୟୁପି ସ୍କୁଲରେ ବୃକ୍ଷ ରୋପଣ ସହିତ ଗରିବ ଅବହେଳିତ ଲୋକଙ୍କୁ ମାଗଣାରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ସଦସ୍ୟଙ୍କ ବ୍ୟତିତ ଯେଉଁ ବଦାନ୍ୟ ବ୍ୟକ୍ତିବିଶେଷ ବସ୍ତ୍ର ଦାନ କରିବାକୁ ଚାହିଁବେ ପ୍ରେସ୍ ଫୋରମ କାର୍ଯ୍ୟାଳୟରେ ଦିନ ୧୦ରୁ ୪ଟା ମଧ୍ୟରେ ଦାନ କରିପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଛି।

## ୨ ପଞ୍ଚାୟତ ଅଧିକାରୀ ନିଲମ୍ବିତ

**ଯାଜପୁର ଅଫିସ,୩।୮:** କାର୍ଯ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ଓ ଠିକ ଭାବେ ଦାୟିତ୍ୱ ପରିଚାଳନା କରୁ ନ ଥିବାରୁ ଶନିବାର ୨ଜଣ ନିର୍ବାହୀ ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ ଦଶରଥପୁର ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ଜେନା ଓ ବଡଚଣା ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୀୟ କୁମାର ମଲ୍ଲିକଙ୍କୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ବିଡିଓଙ୍କ ରିପୋର୍ଟ ଆଧାରରେ ଜିଲାପାଳ ଏହି ପଦକ୍ଷେପ ନେଇଥିବା ସୂଚନା ମିଳିଛି।

■ ମିଳୁନି ସରକାରୀ ସହାୟତା

## ଦୁର୍ଦ୍ଦିନରେ ଅରକ୍ଷିତଙ୍କ ପରିବାର



ସରକାରୀ ସହାୟତାରୁ ବଞ୍ଚିତ ହିତାଧିକାରୀ।

**ଜେନାପୁର,୩।୮(ଡି.ଏନ୍.ଏ.)**

ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ହିତାଧିକାରୀଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାର ସଫଳ ରୂପାୟନ ହୋଇ ନ ପାରିବାରୁ ବହୁ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ହେଉଥିବା ଅନେକ ସମୟରେ ଅଭିଯୋଗ ହେଉଥିବ ଦେଖିବାକୁ ମିଳିଛି। ଏହିଭଳି ଏକ ଘଟଣା ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଭୁବନପୁର ଗ୍ରାମର ୬ ନମ୍ବର ୱାର୍ଡରେ ରହୁଥିବା ଅରକ୍ଷିତ ମଲ୍ଲିକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କର ନିଜସ୍ୱ ଘରଡିହ ପଟ୍ଟା ନ ଥିବାରୁ ଗ୍ରାମର ଆମ୍ବତୋଟାରେ ୨୦ ବର୍ଷହେବ ଝିଟିମାଟି ଚାଳଘରେ ଜରିପାଲ ଟାଙ୍ଗି ପରିବାର ସହ ରହୁଛନ୍ତି। ଦୀର୍ଘବର୍ଷ ଧରି ରହି ଆସୁଥିଲେ ମଧ୍ୟ ଘରଡିହ ପଟ୍ଟା ପାଇପାରି ନାହାନ୍ତି। ଫଳରେ ଫନୀ ବାତ୍ୟାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲେ ମଧ୍ୟ ଜରିପାଲଟିଏ ମିଳିପାରି ନ ଥିବା ଅରକ୍ଷିତ କହିଛନ୍ତି। ଆଧାର କାର୍ଡ ମିଳିଛି। ହେଲେ ଭୋଟର ଲିଷ୍ଟରେ ନାମ ନ ଥିବାରୁ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ଗୁହାରି କରି ବିଫଳ ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଗଡ଼ମଧୁପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରୋଦ କୁମାର ମଳିକଙ୍କୁ ପଚାରିବାରୁ ଘଟଣା ବାବଦରେ ବିଡିଓଙ୍କୁ ଦରଖାସ୍ତ କରିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଭ୍ୟାନିଟ୍ ବ୍ୟାଗ୍ ନେଇ କାର ଡ୍ରାଇଭର ଫେରାର

**ଧର୍ମଶାଳା/ ରସୁଲପୁର, ୩।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ବାରବାଟୀ ନିକଟରେ ଶନିବାର ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ମହିଳା ଜଣଙ୍କ ପିତାଙ୍କ ମୃତ୍ୟୁ ଖବର ପାଇ କାର୍ ଭଡାକରି ବାଲେଶ୍ୱର ଜିଲା ରେମୁଣା ଯାଉଥିଲେ। ବାଟରେ କୌଣସି ଏକ କାମରେ ଗାଡିରୁ ଓହ୍ଲାଇଥିବାବେଳେ କାର୍ ଡ୍ରାଇଭର ଭ୍ୟାନିଟ୍ ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଧର୍ମଶାଳା ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ପଚାରଉଚରା କରିବା ପରେ ବସ୍ ଯୋଗେ ରେମୁଣା ପଠାଇଥିଲା। ଭ୍ୟାନିଟ ବ୍ୟାଗରେ ୫ ହଜାର ଟଙ୍କା, ମୋବାଇଲ ଫୋନ, ଏଟିଏମ କାର୍ଡଥିବା ମହିଳା ଜଣଙ୍କ କହିଛନ୍ତି। ତେବେ ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବାକୁ ଯାଉଥିବାରୁ ସେ ଥାନାରେ ଲିଖିତ ଅଭିଯୋଗ କରି ନ ଥିବା ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ଅନୁଗୁଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସ ଭାବେ କାମ କରୁଥିବା ନିରୁପମା ବିଶ୍ୱାଳ ବାପାଙ୍କ ମୃତ୍ୟୁ ଖବର ପାଇ ବାଲେଶ୍ୱର ଯାଉଥିଲେ। ପ୍ରଥମେ ସେ ଅନୁଗୁଳରୁ ବସ୍‌ରେ ଆସି ସକାଳେ ମଙ୍ଗୁଳି ଛକରେ ଓହ୍ଲାଇଥିଲେ। ସେଠାରୁ ରେମୁଣା ଯିବା ପାଇଁ କାର୍ ଭଡା କରିଥିଲେ। କାରରେ ଏକୁଟିଆ ବସି ଯାଉଥିବାବେଳେ ବାରବାଟୀ ଛକ ନିକଟରେ କୌଣସି ଏକ କମାରେ ଗାଡ଼ିରୁ ଓହ୍ଲାଇଥିଲେ। ଏହି ସମୟରେ ମହିଳା ଜଣଙ୍କ ଗାଡିରେ ଭ୍ୟାନିଟ୍ ବ୍ୟାଗ୍ ରଖିଥିବାବେଳେ ଡ୍ରାଇଭର କାର ନେଇ ପଳାଇଥିଲେ।

## ଓଭରବ୍ରିଜ୍ କଡ଼ ପାଲଟିଛି ଆବର୍ଜନା ସ୍ଥଳ



**କୋରେଇ,୩।୮(ସ୍ୱ.ପ୍ର.):** ପାଣିକୋଇଲି ଓଭର ବ୍ରିଜ୍ ପାର୍ଶ୍ୱ ଏବେ ଆବର୍ଜନା ସ୍ଥଳ ପାଲଟିଛି। ଏଠାରେ ରହିଥିବା ବିଭିନ୍ନ ବ୍ୟବସାୟୀମାନେ ପ୍ରତ୍ୟହ ଆବର୍ଜନାକୁ ପୋଡିବା ପରିବର୍ତ୍ତେ ଓଭରବ୍ରିଜ କଡ଼ରେ ଗଦା କରୁଛନ୍ତି। ଏପରକି ବ୍ରିଜ୍ ଦେଇ ଯାଉଥିବା ଯାତ୍ରୀମାନେ ମଧ୍ୟ ଏଠାରେ ଆବର୍ଜନା ପକାଉଥିବାବେଳେ ଶୌଚ କରୁଛନ୍ତି। ବିଭିନ୍ନ ସମୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବଜାର ସଫେଇ କାର୍ଯ୍ୟ ଜାରି ରହିଥିବା ବେଳେ ଓଭରବ୍ରିଜ୍ କଡ଼ ସଫା କରାଯାଉ ନାହିଁ। ବିଭାଗ ପକ୍ଷରୁ ମଧ୍ୟ ଏଠାରେ ସଫେଇ କରାଯାଉ ନାହିଁ। ଫଳରେ ସାମାନ୍ୟ ବର୍ଷାରେ ଏହା ପଚି ଦୁର୍ଗନ୍ଧ ସୃଷ୍ଟି କରୁଛି। ଯାହା ଦ୍ୱାରା ରାସ୍ତାରେ ଯିବା ସମ୍ଭବ ହେଉ ନାହିଁ। ରାସ୍ତାର ମରାମତି, ଏହାର ସୁରକ୍ଷା ସହ ଓଭରବ୍ରିଜ କଡ଼ ସଫା କରିବାର ଦାୟିତ୍ୱ ଟେଣ୍ଡର ମାଧ୍ୟମରେ ହାତେଇଥିବା କମ୍ପାନୀ ମଧ୍ୟ ଏ ଦିଗରେ କାର୍ଯ୍ୟକରୁ ନାହିଁ। ତୁରନ୍ତ ଏହାକୁ ବିଭାଗ ପକ୍ଷରୁ ସଫା କରା ନ ଗଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବରୀରେ 'ଆତ୍ମା' ଯୋଜନା ବାଟବଣା

**ରତ୍ନଗିରି,୩।୮(ଡି.ଏନ୍.ଏ.)**




କୃଷି ଓ କୃଷକର ଉନ୍ନତି ପାଇଁ ସରକାରଙ୍କ 'ଆତ୍ମା' (ଏଗ୍ରିକଲଚର ଟେକ୍‌ନୋଲୋଜି ମ୍ୟାନେଜ ମେଣ୍ଟ ଏଜେନ୍ସି) ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଚାଷୀଙ୍କୁ କୃଷି କାର୍ଯ୍ୟରେ ସ୍ୱାବଲମ୍ବୀ କରିବା ଏବଂ କୃଷି ବିଭାଗ ପକ୍ଷରୁ ସେମାନଙ୍କୁ କୃଷି କ୍ଷେତ୍ରରେ ସଚେତନ କରିବା ପାଇଁ ଲକ୍ଷ ରଖାଯାଇଥିଲା। ୨୦୧୫-୧୬ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ବର୍ତ୍ତମାନ ପର୍ଯ୍ୟନ୍ତ ବରୀ ବ୍ଲକରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ସରକାରଙ୍କ ତରଫରୁ ବ୍ଲକ କୃଷି ବିଭାଗକୁ ଆସିଥିବା ମୋଟ୍ ୧୫ ଲକ୍ଷ ୮ ହଜାର ୨ ଶହ ୫୮ ଟଙ୍କା ଜମା ଖାତାରେ ରହିଥିବା ବିଭାଗ ପକ୍ଷରୁ ଜଣାପଡିଛି। ଏହି ଅର୍ଥକୁ ଅତ୍ୟାଧୁନିକ ପ୍ରଣାଳୀରେ କୃଷକଙ୍କୁ ଚାଷ କରିବା ଓ କୃଷିକ୍ଷେତ୍ରରେ ବିଭିନ୍ନ ସମୟରେ ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ କର୍ମଶାଳା ଅନୁଷ୍ଠିତ କରାଯିବାର ନିୟମ ରହିଛି। ହେଲେ ଏ ଦିଗରେ କମିଟି ଗଠିତ ହୋଇ ନ ପାରିବାରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଯୋଜନାରେ ମୋଟ ୨୨ ଜଣ ସଭ୍ୟ ଚୟନ ହେବା ପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥାଏ। କମିଟିରେ ଉଦ୍ୟାନ ବିଭାଗ ୨ ଜଣ ମହିଳା, ୨ ଜଣ ପୁରୁଷ, ମତ୍ସ୍ୟଚାଷ ଓ ପଶୁ ବିଭାଗର ୪ ଜଣ, କୃଷି ବିଭାଗର ୪ଜଣ, ଜଣେ ବିହନ ବିକ୍ରେତା ଓ ସାର ବିକ୍ରେତା ଏବଂ ୨ ଜଣ ସମିତର ସଭ୍ୟାସଭ୍ୟ ରହିବାର ନିୟମ ରହିଛି। କିନ୍ତୁ ଦୀର୍ଘ ୩ ବର୍ଷ ଧରି ଏହି କମିଟି ଗଠନ ହୋଇ ନ ଥିବାରୁ ସରକାରଙ୍କ ତରଫରୁ କୃଷକମାନଙ୍କ ସଚେତନତା ପାଇଁ ଆସିଥିବା ଉର୍ଦ୍ଧିଷ୍ଟ ଅର୍ଥ କୃଷି ବିଭାଗର ତହବିଲରେ ଜମା ହୋଇରହିଛି। ଏ ସମ୍ପର୍କରେ କୃଷି ବିଭାଗ ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ, ବରୀ ବ୍ଲକରେ କୌଣସି ଏକ ରାଜନୈତିକ କାରଣକୁ ନେଇ ''ଆତ୍ମା'' କମିଟି ଗଠନ ହୋଇପାରି ନ ଥିଲା। ସେଥିପାଇଁ ଏହି ଅର୍ଥ ସରକାରୀ ତହବିଲରେ ମହଜୁଦ ଅଛି। ତେବେ ଖୁବ୍‌ଶୀଘ୍ର କମିଟି ଗଠନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବଜରଙ୍ଗ ଦଳର ପ୍ରସ୍ତୁତି ବୈଠକ

**ଧାମନଗର, ୩।୮ (ଡି.ଏନ୍.ଏ.):** ଧାମନଗର ବ୍ଲକ ଦକ୍ଷିଣବାଡ଼ଠାରେ ଧାମନଗର ବଜରଙ୍ଗ ଦଳ ପକ୍ଷରୁ ଆସନ୍ତା ଅଖଣ୍ଡ ଭାରତ ଦିବସ ଓ ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ସଂଯୋଜକ ବିପିନ ବିହାରୀ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ସଂଯୋଜକ ସଞ୍ଜୟ କୁମାର ସ୍ୱାଇଁ, ବିଶ୍ୱ ହିନ୍ଦୁ ପରିଷଦ ଧାମନଗର ପ୍ରଖଣ୍ଡ ସମ୍ପାଦକ ପଙ୍କଜ କୁମାର ଦାସ, ଶକ୍ତିଦତ୍ତ ଦାସ, ରଞ୍ଜିତ ଭୂୟାଁ ଓ ଅଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ତ୍ରିରଙ୍ଗା ଯାତ୍ରା ଓ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିସହ ଧାମନଗରରେ ବଜରଙ୍ଗ ଦଳକୁ ସଶକ୍ତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା।

### ବିଜେଡି ପକ୍ଷରୁ ଚାରାରୋପଣ

**ବନ୍ତ, ୩।୮ (ସ୍ୱ.ପ୍ର.):** ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବନ୍ତଳାସ୍ଥିତ ବନ୍ତଳେଶ୍ୱର ମହାଦେବ ପୀଠ ପରିସରରେ ଯୁବ ବିଜେଡି ପକ୍ଷରୁ ଶନିବାର ଚାରାରୋପଣ କରାଯାଇଛି। ଉପସଭାପତି ଜ୍ୟୋତିପ୍ରକାଶ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କାଦବରାଙ୍ଗର ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଚିନ୍ମୟ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭ୍ୟା ରେବତୀ ନାୟକ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ଜିଲା ଛାତ୍ର ଉପସଭାପତି ହୃଦୟ ମହାପାତ୍ର, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ପ୍ରିୟବ୍ରତ ଦାସ, ଯୁବନେତା ବାସୁଦେବ ଜେନା, ଯୁବ ସଭାପତି ନିରଞ୍ଜନ ନାୟକ, ସମାଜସେବୀ ସୁନାରାଣୀ ପଣ୍ଡା ଓ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା ଯୋଗ ଦେଇଥିଲେ। ପରିବେଶକୁ ସୁସ୍ଥ ରଖିବା ଲାଗି ବୃକ୍ଷରୋପଣ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବବାହିନୀର ସଭାପତି ବିଭୂତି ରାଉତ, ସମ୍ପାଦକ ପ୍ରତାପ ଦାସ, ଛାତ୍ରନେତା କାଳନ୍ଦୀ ଯେନା, ମହେନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ଶତାୟୁ ମୁରବୀଙ୍କ ସ୍ମୃତିସଭା

**ରଘୁନାଥପୁର, ୩।୮ (ଡି.ଏନ୍.ଏ.)-** ରଘୁନାଥପୁର ବ୍ଲକ ଖଣ୍ଡତରୀ ଗାଁର ଶତାୟୁ ସାହି ମରବୀ ନଟବର ବରାଳଙ୍କ ଏକାଦଶାହରେ ଶନିବାର ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବରାଳ ଜଣେ ପରୋପକାରୀ ତଥା ସାହି ବସ୍ତିରେ ଯେକୌଣସି ସଭସ୍ୟାର ସମାଧାନ ପାଇଁ ଚେଷ୍ଟିତ ଥାନ୍ତି। ପ୍ରତ୍ୟେକ ନ୍ୟାୟ ନିଷ୍ପତ୍ତିରେ ତାଙ୍କୁ ଖୋଜା ପଡିଥାଏ। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା। ବଡପୁଅ ମଦନଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ଉଦ୍ୟମରେ ସ୍ମୃତିଚାରଣ ସଭା ହୋଇଥିଲା। ଆଗନ୍ତୁକ ବ୍ୟକ୍ତିମାନେ ସ୍ୱର୍ଗତ ବରାଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବରାଳଙ୍କ ପରିବାର, ଜ୍ଞାତିକୁଟୁମ୍ବ ତଥା ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥିମାନେ ଉପସ୍ଥିତ ଥିଲେ।

■ ଶାରଳା ମନ୍ଦିର ନୀତି ବିଭ୍ରାଟ ପ୍ରସଙ୍ଗ

# ପାଳି କରି ପୂଜା କରିବେ ୨ ବଡ଼ପଣ୍ଡା

■ପାଳି ବାଣ୍ଟିବେ ଉପଜିଲାପାଳ, ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ
■ବିଭ୍ରାଟ କଲେ ବଡ଼ପଣ୍ଡା ପଦବୀ ଉଚ୍ଛେଦ ପାଇଁ ପ୍ରସ୍ତାବ ରହିବ
■ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

**ଜଗତ୍‌ସିଂହପୁର ଅଫିସ, ୩।୮**

ଶାରଳା ମନ୍ଦିରରେ ବଡ଼ପଣ୍ଡାଙ୍କୁ ନେଇ ଚାଲିଥିବା ବିବାଦର ଏକପ୍ରକାର ସମାଧାନ ହୋଇଛି। ଏଣିକି ୨ ଜଣଙ୍କୁ ବଡ଼ପଣ୍ଡା ଭାବେ ଗ୍ରହଣ କରାଯିବା ସହ ଉଭୟଙ୍କୁ ପାଳି କରି ପୂଜା ଦାୟିତ୍ୱ ବାଣ୍ଟି ଦିଆଯିବ। ଏହି ଦାୟିତ୍ୱ ଉପଜିଲାପାଳ ଓ ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ। ଏହା ସତ୍ତ୍ୱେ କିଛି ବିଶୃଙ୍ଖଳା ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ଲୋକଙ୍କ ମତାମତକୁ ଭିତ୍ତିକରି ବଡ଼ ପଣ୍ଡା ପଦବୀ ଉଚ୍ଛେଦ ପାଇଁ ଦେବୋତ୍ତର ବିଭାଗକୁ ସୁପାରିଶ କରାଯିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ତଥା ଶାରଳା ମନ୍ଦିର ଏଣ୍ଟରିମ୍ ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି ଯେ, ଲୋକଙ୍କ ଭାବାବେଗ ସହ କେହି ଖେଳିଲେ ପ୍ରସୟ ଦିଆଯିବ ନାହିଁ। ବଡ଼ପଣ୍ଡା ପଦ ନେଇ ରହିଥିବା ପାରିବାରିକ ବିବାଦ ଲୋକଙ୍କ ଉପରେ ନଦିଦେଲେ ମନ୍ଦିର ପ୍ରଶାସନ ବରଦାସ୍ତ କରିବ ନାହିଁ। ଖୁବଶୀଘ୍ର ବଡ଼ପଣ୍ଡା ରହିବା ଉଚିତ କି ନୁହେଁ, ସେନେଇ ଲୋକଙ୍କ ମତାମତ ଗ୍ରହଣ କରାଯିବ। ଯେବେ ଏହି ପଦବୀ ରହିବା ଉଚିତ ନୁହେଁ ବୋଲି ମତ ଆସିବ ତେବେ ସେ ଏହା କରାଯିବା ଉଚିତ ବୋଲି ଦେବୋତ୍ତର ବିଭାଗକୁ ସୁପାରିଶ କରିବେ ବୋଲି କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଭାରପ୍ରାପ୍ତ ଏସ୍‌ପି ବିଶ୍ୱନାଥ ମିଶ୍ର, ମନ୍ଦିର ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଧଳ, ତିର୍ତ୍ତୋଲ ଆଇଆଇସିଙ୍କ ସମେତ ବଡ଼ପଣ୍ଡା ପାଇଁ ଦାବି କରୁଥିବା ରମାକାନ୍ତ ପଣ୍ଡା ଓ ପ୍ରଜ୍ଞାଦୀପ୍ତ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ମନ୍ଦିରରେ ପ୍ରତି ବର୍ଷ ପାଳନ ହେଉଥିବା ୨୪ଟି ପର୍ବ (୭୪ ଦିନ)ର ପୂଜା ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଶେଷକରି ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୧ରେ ଏ ସଂକ୍ରାନ୍ତରେ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ କୋର୍ଟରେ ମାମଲା(ସଂଖ୍ୟା ୩୦/୧୧) ରୁଜୁ ହୋଇ ୨୦୧୨ରେ ମଧ୍ୟବର୍ତ୍ତିକାଳୀନ ଶୁଣାଣି ହୋଇଥିଲା। ୨୯।୫।୧୯ରେ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ ଉଭୟଙ୍କୁ ବଡ଼ପଣ୍ଡା ଭାବେ ଗ୍ରହଣ କରାଯିବ ଏବଂ ସେମାନେ ବୁଝାମଣା ଭିତ୍ତିରେ ପୂଜା କରିବା କଥା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିବାଦର ସ୍ଥାୟୀ ସମାଧାନ ହେବା ତ ଦୂରର କଥା ବରଂ ଜଟିଳ ହୋଇଥିଲା। ଏପରି କି ଗତ ୧ ତାରିଖରେ ଅନୁଷ୍ଠିତ ଚିତାଲାଗି ଅମାବାସ୍ୟା ଦିନ ସନ୍ଧ୍ୟାରେ ମା'ଙ୍କ ନୀତିରେ ବିଭ୍ରାଟ ହୋଇଥିଲା। ଏହିଦିନ ବଡ଼ଣ୍ଡା ଭାବେ ରଞ୍ଜନ ପଣ୍ଡା ମନ୍ଦିର ଭିତରେ ପୂଜାରେ ବସିବା ସହ ଭଣ୍ଡାର ଘରୁ ଭୋଗ ଆଣିବା ବେଳେ ପ୍ରଜ୍ଞାଜିତ ପଣ୍ଡା ତାଙ୍କୁ ଅଟକାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ନୀତି ବନ୍ଦ ହୋଇଯାଇଥିଲା। ଘଟଣାସ୍ଥଳରେ ଉପଜିଲାପାଳ ପହଞ୍ଚି ବୁଝାଶୁଝା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ବିଳମ୍ବିତ ରାତିରେ ଅନ୍ୟ ଜଣେ ସେବକଙ୍କ ମାଧ୍ୟମରେ ଭୋଗଲାଗି କରାଯାଇଥିଲା। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ମା'ଙ୍କ ଭୋଗ ନ ପାଇ ନିରାଶ ହୋଇଥିଲେ। ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ଜିଲାପାଳ ହସ୍ତକ୍ଷେପ କରିଥିଲେ ଓ ଶନିବାର ବୈଠକ ଡକାଯାଇଥିଲା। ବୈଠକରେ କୁହାଯାଇଥିଲା ଯେ, ଆସନ୍ତା ଅଗଷ୍ଟ ୧୫ ତାରିଖ ଗହ୍ମାପୂର୍ଣ୍ଣିମା ଦିନ ବଡ଼ପଣ୍ଡା ରହିବେ ରଞ୍ଜନ ପଣ୍ଡା। ତା ପର ପର୍ବ ଅର୍ଥାତ୍ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ପ୍ରଜ୍ଞାଦୀପ୍ତ ବଡ଼ ପଣ୍ଡା ଦାୟିତ୍ୱ ତୁଲାଇବେ। ଏହି କ୍ରମରେ ପର୍ବଗୁଡିକ ଉଭୟଙ୍କୁ ବାଣ୍ଟି ଦିଆଯିବ। ଗତ ୧ ତାରିଖରେ ମନ୍ଦିରରେ ଯେଉଁମାନେ ବିଶୃଙ୍ଖଳା କରୁଥିଲେ ସେ ଉପରେ ମନ୍ଦିର ନିର୍ବାହୀ ଅଧିକାରୀ ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନେବେ।

### କ୍ଲଷ୍ଟରସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

**ବାଙ୍କୀ,୩।୮(ବି.ପ୍ର.)**

ବାଙ୍କୀ ବ୍ଲକ ଅଧୀନ ସୁବର୍ଣ୍ଣପୁର ପଞ୍ଚାୟତରେ ଜୀବିକା ମିଶନ ଆର୍ଥିକ ସହାୟତାରେ ଶନିବାର ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଭାତ କୁମାର ସାହୁ ସରଣ୍ଡାଗଡ଼ସ୍ଥିତ ଡାକବଙ୍ଗଳା ପରିସରରେ ଆୟୋଜିତ ଶିବିରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗାଁର ବେକାର ଯୁବତୀଯୁବକଙ୍କ ପାଇଁ ପ୍ରଶିକ୍ଷଣ ମାଧ୍ୟମରେ ନିଯୁକ୍ତି ଓ ରୋଜଗାରର ଏକ ସୁଯୋଗ ବୋଲି କହିଥିଲେ। ପ୍ରଗତି ସହାୟିକା ଜ୍ୟୋତିର୍ମୟୀ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଶିବିରରେ ସୁବର୍ଣ୍ଣପୁର, ରତାଗଡ, ଓସ୍ତିଆ, କଦଳୀବାଡ଼ି, କନ୍ତପହଁରା, ବନ୍ଦାଳ ଓ ବାଉଁଶପୁଟ ପଞ୍ଚାୟତର ୧୦୭ ଯୁବତୀଯୁବକ ନାମ ପଞ୍ଜୀକୃତ କରି ଉପସ୍ଥିତ ଥିବା ୫ ଯୋଜନା କାର୍ଯ୍ୟକାରୀ କରୁଥିବା ସଂସ୍ଥାର ପଦାଧିକାରୀଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି। ପଞ୍ଜୀକୃତ ଶିବିରାର୍ଥୀଙ୍କ ମଧ୍ୟରୁ ୯୧ଜଣଙ୍କୁ ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯାଇଥିବା ସୂଚନା ମିଳିଛି।

## ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ଅତିଥିଙ୍କ ସହ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ।

**ବାଙ୍କୀ, ୩।୮(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶନିବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ 'ମହାବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା, ସମସ୍ୟା ଓ ପ୍ରତିକାର' ବିଷୟବସ୍ତୁ ରହିଥିଲା। ଏଥିରେ ବାଙ୍କୀ କଲେଜର ଓମ୍ ଈଶ୍ୱରୀ ମହାପାତ୍ର ୧ମ, ସୁଚିତ୍ରା ବେହେରା ୨ୟ ଓ କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରବାସିନୀ ନାୟକ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଅଂଶୁପା ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦେବସ୍ମିତା ରଣାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ବିଚାରକ ଭାବେ ଶିକ୍ଷାବିତ୍ ଅଖିଳବୀରବର ହରିଚନ୍ଦନ, ଇଂ. ସତ୍ୟବ୍ରତ ରଥ ଓ ସମରେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। କର୍ମଚାରୀ କାଳିଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡା ଓ ସୁଦର୍ଶନ ବେହେରା ସହଯୋଗ କରିଥିଲେ। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦୀଶ ପଣ୍ଡା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଲିକୁଦା,୩।୮(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଗରାମ ପଞ୍ଚାୟତର ଦଧିବାବନଜୀଉ ଉଚ୍ଚ ବିଦ୍ୟାଳୟର କୃତୀ କ୍ରୀଡ଼ା ଶିକ୍ଷକ ଭକ୍ତବନ୍ଧୁ ଦାସଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ସିଆରସିସି ଅଭୟ କୁମାର ସାହାଣି, ପୂର୍ବତନ ଶିକ୍ଷକ ଶ୍ରୀବତ୍ସ ଚରଣ ଭୋଳ, ନୃସିଂହ ଚରଣ ଚାନ୍ଦ, ପରମାନନ୍ଦ ଦାଶ, ରମେଶ ଚନ୍ଦ୍ର ପ୍ରଧାନ, ଅର୍ଜୁନ ଚରଣ ବେହେରା, ବିଦ୍ୟାଳୟର ଅବସରପ୍ରାପ୍ତ କିରାଣି ନଳୀନିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟ ଦକ୍ଷତା, ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଓ ଦାୟିତ୍ୱ ବୋଧ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଆଲୋକ ତ୍ରିପାଠୀ ମଙ୍ଗଳାଷ୍ଟକ ପାଠ କରିଥିଲେ। ଶିକ୍ଷକ ମନୋଜ କୁମାର ଗୋଚ୍ଛାୟତ, ଗଗନ ବିହାରୀ ଜେନା, ଲଲାଟେନ୍ଦୁ ସାହୁ, ସନ୍ତୋଷ ନାୟକ, ଶିବ ଚରଣ ରାଉତ, ନିରୁପମା ପଣ୍ଡା, ମମତା ମହାନ୍ତି, ସଂଘମିତ୍ରା ତାରେଣିଆ, କବିତା ରାୟ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଏଥିସହ ତାଙ୍କୁ ବିଭିନ୍ନ ଉପହାର, ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅମୂଲ୍ୟ ଜେନା, ଆଲୋକ ବାରିକ, ଅଜୟ ପରିଡା, ଆଲୋକ ଭୋଇ, ଅର୍ପିତା ନାୟକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମନୋଜ ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଦାସଙ୍କୁ ଏକ ଶୋଭାଯାତ୍ରାରେ ଚଅଁରପୁରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା।

## କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ




ଅଧ୍ୟାପକ ଓ ଛାତ୍ରୀମାନେ କଲେଜ ପରିସର ସଫା କରୁଛନ୍ତି।

**ନାଉଗାଁ, ୩।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା କଲେଜରେ ଏନଏସଏସ ୟୁନିଟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଅବସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଅଧିକାରୀ ଲେଙ୍କା ଉଦ୍‌ଘାଟନ କରି ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଗୁରତ୍ୱାରୋପ କରିଥିଲେ। ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଧିରେନ ପତି, ହରିପ୍ରସାଦ ପତି, ସନ୍ତୋଷ କୁମାର ଆଚାର୍ଯ୍ୟ,ଏସ.କେ ବର୍କତୁଲ୍ଲା, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ପରିସର ସହିତ ରାସ୍ତା ପାର୍ଶ୍ୱରୁ ପଲିଥିନ ଭଳି ବର୍ଜ୍ୟବସ୍ତୁ ସଫେଇ କରାଯାଇଥିଲା। ଏଥିରେ କଲେଜର ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଏନଏସଏସ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ କୁମାର ମିଶ୍ର ପରିଚାଳନା କରୁଥିଲେ ଓ ରିତେଶ ନାୟକ ସହଯୋଗ କରିଥିଲେ।

■ ସୁଧୁରୁନି ତୈଳ ବିଶୋଧନାଗାର ବିସ୍ଥାପିତଙ୍କ ସମସ୍ୟା

## ୭ରେ ବିଶୋଧନାଗାର ଆଗରେ ଧାରଣା

**କୁଜଙ୍ଗ, ୩।୮(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପାଇଁ ବିସ୍ଥାପିତ ହୋଇଥିବା ପରିବାରଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ସେମାନଙ୍କୁ ନା ଚାକିରି ମିଳୁଛି ନା ରହିବାକୁ ଘର। ଏ ଭିତରେ ନିଜ ଭିଟାମାଟିକୁ ହରାଇ ୧୪୩ ପରିବାର ବହୁ ହନ୍ତସନ୍ତ ହେଉଛନ୍ତି। କମ୍ପାନୀ କେବଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଚାଲିଛି। ତେଣୁ ଏହି ବିସ୍ଥାପିତ ପରିବାର ଏବେ ଇଷ୍ଟର୍ନ ଇଣ୍ଡିଆ ଅଏଲ ରିଫାଇନାରୀ ଡିସ୍‌ପ୍ଲେସ୍‌ଡ ଫ୍ୟାମିଲିଜ ୱେଲ୍‌ଫେୟାର ସୋସାଇଟି ମାଧ୍ୟମରେ ନିଜ ସଂଗ୍ରାମକୁ ପୁଣି ଦୁର୍ବାର କରିବାର ଚେତାବନୀ ଦେଇଛନ୍ତି। ଏହି ଅବସରରେ ସୋସାଇଟି ପକ୍ଷରୁ ଆସନ୍ତା ୭ ତାରିଖ ସକାଳ ୮ଟାରେ ପାରାଦୀପ ଆଇଓସିଏଲ୍ ସମ୍ମୁଖରେ ଧାରଣା ଦିଆଯିବ। ବିସ୍ଥାପିତ ୧୪୩ ପରିବାରଙ୍କୁ ସ୍ଥାୟୀ ନିଯୁକ୍ତି, ଢିଙ୍କିଆ ବିସ୍ଥାପିତ କଲୋନୀ ପାଇଁ ସ୍ଥାୟୀ ଗୃହ ନିର୍ମାଣ, ବିସ୍ଥାପିତ ପରିବାର ମଧ୍ୟରେ ଯେଉଁମାନଙ୍କୁ କୌଣସି ନିଯୁକ୍ତି ମିଳିନି ସେମାନଙ୍କୁ ତୁରନ୍ତ ନିଯୁକ୍ତି, ତାଲିମପ୍ରାପ୍ତ ଶ୍ରମିକଙ୍କୁ କୁଶଳୀ ଶ୍ରମିକ ପ୍ରାପ୍ୟ ପ୍ରଦାନ, ଆଇନ ଅନୁଯାୟୀ ବିସ୍ଥାପିତଙ୍କୁ ବ୍ୟବସାୟ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ଦାବିରେ ଏହି ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏନେଇ କୁଜଙ୍ଗ ବ୍ଲକ୍ ଫତେପୁରଠାରେ ସୋସାଇଟି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୋସାଇଟିର ସଭାପତି ଯଦୁମଣି ପ୍ରଧାନ, ସମ୍ପାଦକ ଗୋବିନ୍ଦ ମାଝୀ, ଭାଗ୍ୟଧର ପ୍ରଧାନ, ଗୌରହରି ରାଉତରାୟ, ଚନ୍ଦ୍ର କିଶୋର ଦାସ, ନରହରି ପ୍ରଧାନ, ଝରି ବେହେରା, ବିଜୟ ସାମନ୍ତରାୟ, ପବିତ୍ର ବେହେରା, ଭେଳି ଲେଙ୍କା, ଫକିର ମାଝୀ, ଅଭିମନ୍ୟୁ ବେହେରା, ଗିରିଧାରୀ ପରିଡ଼ା, ସୁଶାନ୍ତ ଦାସ ଓ କୁମରବର ପ୍ରଧାନ ଉପସ୍ଥିତ ରହି ବିସ୍ଥାପିତଙ୍କ ଦୀର୍ଘଦିନର ସମସ୍ୟା ସମ୍ପର୍କରେ କହିବା ସହ ଆନ୍ଦୋଳନକୁ ଦୁର୍ବାର କରିବାକୁ ଆହ୍ୱାନ ଦେଇଥିଲେ।

## ୭୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଧାମନଗର, ୩।୮ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ୧୭ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବର୍ଗରେ ୨୫, ବାଲ ବର୍ଗରେ ୩୫ ଓ କିଶୋର ବର୍ଗରେ ୧୨ ମୋଟ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ବର୍ଗରୁ ୬, ବାଲ ବର୍ଗରୁ ୪ ଏବଂ କିଶୋର ବର୍ଗରୁ ୫ ପ୍ରକଳ୍ପ ସଂକୁଳସ୍ତରକୁ ମନୋନୀତ ହୋଇଛି। ପୂର୍ବୋତ୍ତର ସମ୍ଭାଗ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦବଜାର ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## କ୍ଷମା ପ୍ରାର୍ଥନା ନ କଲେ ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ଭଦ୍ରକ ମୁସ୍‌ଲିମ ଜମାତର କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୩।୮**

■ବିଧାୟକଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ

ଭଦ୍ରକ ଜିଲା ଧାମନଗର ବିଧାୟକ ବିଷ୍ଣୁ ସେଠୀ ବିଧାନସଭାରେ ସ୍ୱାମୀ ପରିତ୍ୟକ୍ତା ମୁସ୍‌ଲିମ ମହିଳାଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ନିନ୍ଦା କରାଯାଇଛି। ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏଭଳି ମନ୍ତବ୍ୟର ପ୍ରତିବାଦ କରାଯାଇଥିଲା। ବିଧାନସଭା ଭଳି ପବିତ୍ର ଗୃହରେ ବିରୋଧୀ ଦଳର ଉପନେତା ତଥା ବିଧାୟକ ସେଠୀ ତିନି ତଲାକର ମୂଳମନ୍ତ୍ର ବୁଝି ନ ପାରି ଏଭଳି ବୟାନ ପ୍ରକାଶ କରି ସମଗ୍ର ରାଜ୍ୟ ଓ ଦେଶରେ ମୁସଲିମ୍ ସମାଜ ଉପରେ କୁଠାରଘାତ କରିବା ସହ ରାଜ୍ୟର ଭାଇଚାରାକୁ ନଷ୍ଟ କରିଛନ୍ତି। ଏହା ଓଡ଼ିଶା ଏବଂ ଭାରତର ନାରୀ ସମାଜର ସମ୍ମାନ ଓ ଗାରିମାକୁ ମଧ୍ୟ ଛିନ୍ନଭିନ୍ନ କରିଦେଇଛି ବୋଲି ମୁସ୍‌ଲିମ ଜମାତ କର୍ମକର୍ତ୍ତା କହିଥିଲେ। ବିଧାୟକ ସେଠୀ ଏଥିପାଇଁ କ୍ଷମା ପ୍ରାର୍ଥନା ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଜମାତର ସଭାପତି ହାଜି ଅବଦୁଲ ବାରୀ, ହାଜି ଅନୱର ହୋସେନ, ସାଧାରଣ ସମ୍ପାଦକ ଶେଖ୍ ଏନାମ୍ ମହମ୍ମଦ, ସହସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ଅବଦୁଲ ମୋକିତ ଖାଁ, ଉପସଭାପତି ମହମ୍ମଦ ଜକାଓଲା, ପୂର୍ବତନ ସଭ୍ୟ ଶେଖ୍ ସମ୍‌ଦାନୀ, ଶେଖ୍ ଜୁଲଫୁକାର, ଶାହୀଦ ଅହେମଦ, ଶେଖ୍ ଅବୁକଲାମ ଓ ଶେଖ୍ ଅନୱର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

■ ନାବାଳିକାଙ୍କୁ ଅସଦାଚରଣ, ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

## ନ୍ୟାୟ ଦେଇ ପାରୁନି ପୋଲିସ

**ନିଶ୍ଚିନ୍ତକୋଇଲି,୩।୮(ସ୍ୱ.ପ୍ର.)**

**ଲୋକଙ୍କ ଭରସା ତୁଟୁଛି**
■ନ୍ୟାୟ ନ ମିଳିଲେ ଜୋରଦାର ହେବ ଆନ୍ଦୋଳନ
■ପୋଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ

ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଲୋକ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି। ହେଲେ ଏହି ଲୋକ ପ୍ରତିନିଧିଙ୍କ ମଧ୍ୟରୁ କେତେଜଣ ବେଳେବେଳେ ଲୋକଙ୍କ ସମସ୍ୟାର କାରଣ ହୋଇଥାନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତିକୋଇଲି ଥାନା ଅଧୀନ ଶୁକରପଡ଼ା ପଞ୍ଚାୟତରେ। ୨୦୧୮ରେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ପୀଡ଼ିତାଙ୍କୁ ନ୍ୟାୟ ମିଳି ପାରିନାହିଁ। ଏହାରି ଭିତରେ ପୁଣି ୨୦୧୯ରେ ଏହି ପଞ୍ଚୟତର ସମିତିସଭ୍ୟ ଜଣେ ସଂଖ୍ୟାଲଘୁ ମହିଳାଙ୍କୁ ଘରେ ପଶି ବଳାତ୍କାର ଉଦ୍ୟମ କରିଥିବା ଘଟଣା ଘଟିଛି। ହେଲେ ଏହି ୨ ଅଭିଯୋଗରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବାରୁ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେଉଛି। ଶୀଘ୍ର ୨ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବବୋଲି ଚେତାବନୀ ଦିଆଯାଇଛି। ଏହାକୁ ନେଇ ପୋଲିସ ଅଡୁଆରେ ପଡ଼ିଛି। ଏପରି କି ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ମଧ୍ୟ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୧୨।୧୨।୨୦୧୮ରେ ଏହି ପଞ୍ଚାୟତର ଜଣେ ନାବାଳିକାଙ୍କୁ ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ ଅସଦାଚରଣ କରିଥିଲେ। ଏନେଇ ଥାନାରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ–୮୬/୧୮ରେ ମାମଲା ରୁଜୁ କରିବା ସହ ଦଫା ୩୪୧, ୩୫୪(ଏ), ୩୫୪(ଡି), ୫୦୯ ଓ ୧୨ ପୋସ୍କୋ ଆକ୍ଟ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ପାରି ନ ଥିଲା। ଫଳରେ ସେତେବେଳେ ଏହାର ପ୍ରତିବାଦରେ ଲୋକେ ରାସ୍ତାରୋକୋ ଠାରୁ ଆରମ୍ଭ କରି ଥାନା ଘେରାଉ କରିଥିଲେ। ସେହି ମାମଲାରେ ଏ ପର୍ଯ୍ୟନ୍ତ ପୀଡ଼ିତାଙ୍କୁ ନ୍ୟାୟ ମିଳି ପାରିନାହିଁ।

ସେହିପରି ଜୁଲାଇ ୧୨ ତାରିଖରେ ଏହି ପଞ୍ଚାୟତର ସମିତିସଭ୍ୟ ସେକ୍ କଲାମ ଖାଁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ବଳାତ୍କାର ଉଦ୍ୟମ କରିବା ସହ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ମହିଳା ନିଶ୍ଚନ୍ତକୋଇଲି ଥାନାରେ ୧୮ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ–୭୩/୧୯ରୁଜୁ କରିବା ସହ ଦଫା ୪୫୭, ୩୫୪, ୩୫୪(ଏ), ୩୨୩ ଓ ୫୦୬ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ। ସେହିପରି ଏ ନେଇ ସମ୍ପୃକ୍ତ ମହିଳା ମଧ୍ୟ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମାନବାଧିକାର କମିଶନ, ମହିଳା କମିଶନ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏପରି କି ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଅପରପକ୍ଷରେ ପୋଲିସ ରାଜନୈତିକ ଚାପରେ ଲୋକପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଉଥିବା ଅଭିଯୋଗ ହେଉଛି। ବଳାତ୍କାର ଉଦ୍ୟମ ପରି ଘଟଣାରେ ପୋଲିସର କୋହଳ ମନୋଭାବ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ୮୬/୧୮ ମାମଲାର ଅପୋସ ସମାଧାନ ପାଇଁ ପୂର୍ବତନ ସରପଞ୍ଚ କୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ତେଣୁ ଏହି ମାମଲାର ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରାଯାଇଛି। କୋର୍ଟ ଯାହା ବିଚାର କରିବେ। ସେହିପରି ୭୩/୧୯ମାମଲା ସମ୍ପର୍କରେ କହିଥିଲେ, ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇ ପାରିନାହିଁ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।




■ପାଇଖାନା ନିର୍ମାଣ ମନ୍ଥର

# ୧୧ଜଣ ସରପଞ୍ଚଙ୍କୁ କୈଫିୟତ ତଲବ

**ଯାଜପୁର ଟାଉନ,୩।୮(ଡି.ଏନ.ଏ.)**

ରାଜ୍ୟ ସରକାର '୫–ଟି'କୁ ଗୁରୁତ୍ୱ ଦେଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପନ, ସାମୁହିକ କାର୍ଯ୍ୟ ସ୍ୱଚ୍ଛତାର ସହ ପ୍ରକଳ୍ପଗୁଡିକୁ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ କ୍ଷେତ୍ରରେ କିଛି ଅଧିକାରୀ, କର୍ମଚାରୀ ବା ଲୋକ ପ୍ରତିନିଧିଙ୍କ ଆନ୍ତରିକତା ନ ଥିବା ଯୋଗୁ ଏହାର ସୁଫଳ ମିଳୁନାହିଁ। ଅଗଷ୍ଟ ୧୫ ମଧ୍ୟରେ ଜିଲାରେ ବାକିଥିବା ସମସ୍ତ ପାଇଖାନାକୁ ସାରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଜାରି କରିଥିବାବେଳେ କେତେକ ପଞ୍ଚାୟତରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲୁଛି। ଶନିବାର ଜିଲାପାଳ ରଞ୍ଜନ କୁମାର ଦାସ ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଡିଓମାନେ ବାରମ୍ୱାର ଏ କ୍ଷେତ୍ରରେ ସରପଞ୍ଚଙ୍କୁ ଅବଗତ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାପଡିବା ପରେ ଜିଲାପାଳ ଦାନଗଦୀ ବ୍ଲକର ମଙ୍ଗଳପୁର, କିମ୍ବିରୀଗଡ଼ିଆ, ଶାଳିଜଙ୍ଗା, ଚଣ୍ଡିଆ, ଦେଉଳିକୋଣ, ରଣଗୁଣ୍ଡି, କୋରେଇ ବ୍ଲକର ତୁଳତୀ, ପଛିକୋଟ, ରଣପୁର, କନ୍ତୋର, ଗୋଳେଇପୁର ପଞ୍ଚାୟତ ସମେତ ୧୧ଜଣ ସରପଞ୍ଚଙ୍କୁ କୈଫିୟତ ତଲବ କରିଛନ୍ତି।




# ମା'ଙ୍କ ଅଭିଯୋଗ ପରେ ଅଭିଯୁକ୍ତ ଗିରଫ

**ରସୁଲପୁର,୩।୮(ଡିଏନଏ)**

## ନାବାଳିକାଙ୍କୁ ଅପହରଣ, ହତ୍ୟା ମାମଲା

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମର ତ୍ରିଲୋଚନ ଭୋଇଙ୍କ ଘରୁ ଶୁକ୍ରବାର ପୂର୍ବାହ୍ଣରେ କୁଆଖିଆ ଥାନା ପୋଲିସ ପକ୍ଷରୁ ଜଣେ ନାବାଳିକା (୧୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନାବାଳିକାଙ୍କୁ ପରିବାର ଲୋକେ ସାବାଳିକା ବୋଲି ଦର୍ଶାଇବା ସହ ହତ୍ୟାକାଣ୍ଡକୁ ଆତ୍ମହତ୍ୟା ଦର୍ଶାଇ ପୋଲିସକୁ ଭୂଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସବୁ ପ୍ରୟାସ ଭଣ୍ଡୁର ହୋଇଛି। ନାବାଳିକାଙ୍କ ମା'ଙ୍କ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୋଗ ହେବା ପରେ ପୋଲିସ ଅପହରଣ, ଧର୍ଷଣ ଓ ହତ୍ୟା ମାମଲା (ନଂ–୧୯୬/୧୯) ରୁଜୁ କରି ରାତାରାତି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତ୍ରିଲୋଚନଙ୍କ ବଡ଼ ପୁଅ ଆଶିଷ(୨୫) ଓରଫ ହାଉଳି। ପ୍ରକାଶ ଯେ, ୨୮ଦିନ ତଳେ ଯାଜପୁର ସଦର ଥାନା ସାମନ୍ତରାପୁର ଗ୍ରାମର ଜଣେ ନାବାଳିକା ତାଙ୍କ ବଡ



ଅଭିଯୁକ୍ତ ଆଶିଷ ଭୋଇ ।

ଭଉଣୀ ଘରକୁ ଯାଉଥିବା କହି ଘରୁ ବାହାରିଥିଲେ। ମାତ୍ର ଆଶିଷ ତାଙ୍କୁ ଅପହରଣ କରିନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିବାବେଳେ ଶୁକ୍ରବାର ତାଙ୍କ ମୃତଦେହ ଅଭିଯୁକ୍ତ ଆଶିଷଙ୍କ ଘରୁ ଉଦ୍ଧାର କରାଯାଇଥିଲା। ଏହାପରେ ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇଥିଲା। ମୃତ ଝିଅଟି ନାବାଳିକା ବୋଲି ଜାଣି ଆଶିଷଙ୍କ ପରିବାର ଲୋକେ ଘଟଣାକୁ ଘଣ୍ଟି ଘୋଡାଇବାକୁ ଚାହିଁଥିଲେ। ଏ ନେଇ ରାଜନେତାଙ୍କ ଜରିଆରେ ନାବାଳିକାଙ୍କ ବାପାଙ୍କୁ ଟଙ୍କାର ଲୋଭ ଦେଖାଇ ଘଟଣା ଚପାଇ ଦେବାକୁ ଚକ୍ରାନ୍ତ କରାଯାଇଥିଲା। ଫଳରେ ଝିଅର ବୟସ ୨୦ ବର୍ଷ ହୋଇଥିବାବେଳେ ସେ ଆତ୍ମହତ୍ୟା କରିଥିବା ନେଇ ବାପା ପୋଲିସ ନିକଟରେ ବୟାନ ଦେଇଥିଲେ। ମାତ୍ର ଘଟଣା ସମ୍ପର୍କରେ ମୃତ ନାବାଳିକାଙ୍କ ମା' ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ଓ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ମୃତ ନାବାଳିକାଙ୍କ ମୃତ୍ୟୁର କାରଣ ଓ ତାର ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ଅପହରଣ, ବଳାତ୍କାର, ହତ୍ୟାର ଦଫା ଲଗାଇବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତର ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଛି। ଶନିବାର ପୋଲିସ ପକ୍ଷରୁ ନାବାଳିକା ପଢୁଥିବା ହାଇସ୍କୁଲରେ ପହଞ୍ଚି ନାମ ପଞ୍ଜୀକରଣ ବହି ଜବତ କରିବା ସହ ପ୍ରଧାନ ଶିକ୍ଷକଙ୍କୁ ପଚରାଉଚୁରା କରିଛି। ଏଥିସହ ପୋଲିସ ନାବାଳିକା ଓ ଅଭିଯୁକ୍ତଙ୍କ ଘରେ ପହଞ୍ଚି ମଧ୍ୟ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ବନ ବିଭାଗ ଚଢାଉ, ୨ ଗାଡି ଜବତ

**ଧର୍ମଶାଳା, ଜେନାପୁର/ ଚଢ଼େଇଧରା, ୩।୮(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର, ବଳରାମପୁର ଗ୍ରାମ ରାସ୍ତା ତଳଗଡ଼ଠାରେ ଶନିବାର ବନ ବିଭାଗ ଚଢାଉକରି ଏକ ଚୋରା ମାଙ୍କଡ଼ା ପଥର ଟ୍ରକ୍ ଜବତ କରିଛି। ଏହିପରି ବଳରାମପୁର ସଂରକ୍ଷିତ ଜଙ୍ଗଲ ନିକଟରୁ ଏକ ଟ୍ରାକ୍ଟରକୁ ମଧ୍ୟ ଜବତ କରିଛି। ଜବତ ଗାଡି ଦ୍ୱୟକୁ ଟାଙ୍ଗୀ ଭଗତପୁରଠାରେ ରଖାଯାଇଥିବା ଗଡ଼ମଧୁପୁର ଫରେଷ୍ଟର ରଞ୍ଜନ ମିଶ୍ର କହିଛନ୍ତି। ପଥର ମାଫିଆମାନେ ଢେଙ୍କାନାଳ ଅଞ୍ଚଳରୁ ଚୋରା ମାଙ୍କଡ଼ା ପଥର ଆଣି ଯାଜପୁର ଜିଲାର ବିଭିନ୍ନ ଗ୍ରାମରେ ବ୍ୟବସାୟ କରୁଛନ୍ତି। ଗଡ଼ମଧୁପୁର ଫରେଷ୍ଟର ବଳରାମପୁରଗଡ ନିକଟରେ ଚଢାଉ କରି ଉକ୍ତ ଟ୍ରକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କ୍‌ଲିନ୍



## ଏ ସପ୍ତାହର କାର୍ଯ୍ୟକ୍ରମ

**୪ ତାରିଖ (ରବିବାର)**

■ବନ୍ଧୁତ୍ୱ ଦିବସ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ- ବାମନ ଅବକାଶ ଉଚ୍ଚ ବିଦ୍ୟାଳୟ, ଇଟାମାଟି, ସମୟ- ସକାଳ ୮ଟା

**୫ ତାରିଖ (ସୋମବାର)**

■ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥାନ- ଜିଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼, ସମୟ- ପୂର୍ବାହ୍ନ ୧୧ଟା

**୭ ତାରିଖ (ବୁଧବାର)**

■ସମର୍ପଣ ବୃଦ୍ଧାଶ୍ରମର ପ୍ରତିଷ୍ଠା ଦିବସ ସ୍ଥାନ- ବୃଦ୍ଧାଶ୍ରମ ପରିସର, ନୟାଗଡ଼, ସମୟ- ସନ୍ଧ୍ୟା ୫ଟା

**୧୦ ତାରିଖ (ଶନିବାର)**

■ନୀଳମାଧବ ପୀଠରେ ଝୁଲଣ ଯାତ୍ରା ଆରମ୍ଭ ସ୍ଥାନ- ନୀଳମାଧବ ପୀଠ, କଣ୍ଟିଲୋ, ସମୟ- ସକାଳ ୮ଟା

## ସଂକ୍ଷେପରେ

### ଫଳ ଦୋକାନରେ ନିଆଁ



**ନୟାଗଡ଼ ଅଫିସ,୩।୮:** ନୟାଗଡ଼ ଟ୍ରାଫିକ୍ ଛକଠାରେ ଥିବା ଏକ ଫଳ ଦୋକାନରେ ଶନିବାର ପୂର୍ବାହ୍ନରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏଥିରେ ଫଳ ଦୋକାନର ସମସ୍ତ ପେଟି ଓ ଫଳ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଅପରାହ୍ନ ୨ଟା ସମୟରେ ନିଆଁ ଲାଗିବା ଦେଖି ଲୋକମାନେ ଦୌଡାଦୌଡ଼ି କରିଥିଲେ। ଏହି ସମୟରେ ପ୍ରଶାନ୍ତ ସାହୁ ନାମକ ଯୁବକ ଅଗ୍ନିଶମ କେନ୍ଦ୍ରକୁ ଫୋନ କରିଥିଲେ। ନୟାଗଡ଼ ଦମକଳବାହିନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବ୍ୟବସାୟୀ ଜଣକ ତଳେ ଦୋକାନ କରିଥିବାବେଳେ ଉପର ମହଲାରେ କାଗଜ ପେଟି ଓ ଫଳ ରଖୁଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ରଣପୁର ଥାନାରେ ଅତିରିକ୍ତ ଆଇଆଇସି ନିଯୁକ୍ତ

**ରଣପୁର,୩।୮(ସ୍ୱ.ପ୍ର.):** ରଣପୁର ଥାନାରେ ଅତିରିକ୍ତ ଆଇଆଇସି ଭାବେ ରଶ୍ମିରଞ୍ଜନ ଦାଶ ନିଯୁକ୍ତି ପାଇଛନ୍ତି। ରଶ୍ମିରଞ୍ଜନ ପୂର୍ବରୁ ଜଙ୍କିଆ ଥାନାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ରଣପୁର ଥାନାକୁ ପଦୋନ୍ନତି ହେବା ପରେ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ବୈଦ୍ୟନାଥ ଭୋଇ ଆଇଆଇସି ଭାବେ କାର୍ଯ୍ୟ କରୁଛନ୍ତି । ରଣପୁର ଥାନା ଅଞ୍ଚଳରେ ଚୋରା ମାଙ୍କଡା ପଥର ଚାଲାଣ, ବ୍ରାଉନସୁଗାର ପରି ନିଶା କାରବାର, ଚୋରି, ଡକାୟତି ଉପରେ ଲଗାମ ଲାଗି ପାରୁନି । ଅପରାଧୀମାନେ ପୋଲିସକୁ ଚାଲେଞ୍ଜ ଦେଇ ଅପରାଧ ଘଟାଇ ଚାଲିଛନ୍ତି। ଦୁଇ ଆଇଆଇସି ଖୁବଶୀଘ୍ର ଅପରାଧ ଓ ଅପରାଧୀଙ୍କୁ ମୁକାବିଲା କରିବାରେ ସଫଳ ହେବେ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରିଛନ୍ତି।

■ ମହଙ୍ଗା ପଡ଼ିଲା ମିଥ୍ୟା ବିଲ୍ କରିବା

# ୩ ସରକାରୀ କର୍ମଚାରୀ ଭରିବେ ଟଙ୍କା

■ମୋ ପୋଖରୀ ଯୋଜନାରେ ହୋଇଥିଲା ଟଙ୍କା ହଡ଼ପ

■କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା

**ନୟାଗଡ଼ ଅଫିସ,୩।୮**

ମିଥ୍ୟା ବିଲ୍ କରିବା ୩ ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ସେମାନଙ୍କଠାରୁ ୩ମାସ ଭିତରେ ୬୬ ହଜାର ୫୫୦ ଟଙ୍କା ଲେଖାଏ ଭରଣା କରାଯିବ। ସରକାରୀ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଏହି ଟଙ୍କା ସେମାନଙ୍କଠାରୁ ଭରଣା କରାଯିବ ବୋଲି ଗତ ୩୧ତାରିଖରେ ଜିଲାପାଳଙ୍କ କୋର୍ଟରେ ଶୁଣାଣି ହୋଇଛି। ସମ୍ପୃକ୍ତ କର୍ମଚାରୀମାନେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ମଲ୍ଲିକ, ଜିପିଟିଏ ସୁଶାନ୍ତ କୁମାର ନନ୍ଦ ଓ ହରିହରପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆରଏସ୍) ପ୍ରଣବ ପ୍ରକାଶ ମିଶ୍ର।

ପ୍ରକାଶ ଯେ, ଓଡ଼ଗାଁ ବ୍ଲକ ହରିହରପୁର ପଞ୍ଚାୟତ କରଡ଼ା ରଘୁନାଥପୁର ଶାସନର ଦୀନବନ୍ଧୁ ଓ କୈଳାସ ପ୍ରଧାନଙ୍କ ନାମରେ ମୋ ପୋଖରୀ ଯୋଜନାରେ ପୋଖରୀ ଖୋଳାଇବା ପାଇଁ କାର୍ଯ୍ୟାଦେଶ ମଞ୍ଜୁର ହୋଇଥିଲା। ୧୫ ଏପ୍ରିଲ ୨୦୧୭ରେ ସେମାନଙ୍କୁ ପଥରଗଡ଼ ମୌଜାର ଖାତା ନଂ. ୫୫/୧୫, ପ୍ଲଟ ନଂ. ୩୮୮ର ୫୧ ଡେସିମିଲ ଜାଗାରେ ପୋଖରୀ ଖୋଳିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ପୋଖରୀ ପାଇଁ ପର୍ଯ୍ୟାୟ କ୍ରମେ ୪ଟି କିସ୍ତିରେ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ଉକ୍ତ ସ୍ଥାନରେ ପୋଖରୀ ହୋଇ ନ ଥିବାରୁ କିଛି ବ୍ୟକ୍ତି ଏ ନେଇ ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ ଆରଟିଆଇରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ଅନୁଯାୟୀ ପୋଖରୀ ଖୋଳାହେବା ପାଇଁ ଦିଆଯାଇଥିବା ପ୍ଲଟ ନମ୍ବରରେ କୌଣସି ପୋଖରୀ ନ ଥିବା ସୂଚନା ମିଳିଥିଲା। ଉକ୍ତ ସ୍ଥାନରେ ପଡ଼ିଆ ଓ କିଛି ଅନାବାଦି ଗଛ ରହିଥିବା ଓଡ଼ଗାଁ ତହସିଲ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ) ଲିଖିତ ଭାବେ ଜଣାଇଥିଲେ। ପରେ ୧୬ ଡିସେମ୍ବର ୨୦୧୮ରେ ହରିହରପୁର ପଞ୍ଚାୟତର କେତେଜଣ ଲୋକ ଜିଲାପାଳଙ୍କଠାରେ ଏହାର ତଦନ୍ତ ପାଇଁ ଅଭିଯୋଗ କରିଥିଲେ। ୧୯ ଡିସେମ୍ବରରେ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ ଶୀର୍ଷକ ଏକ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ତଦନ୍ତ କରାଯିବାରୁ ସମ୍ପୃକ୍ତ କର୍ମଚାରୀମାନେ ଉକ୍ତ ସ୍ଥାନ ନିକଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ପୋଖରୀ ଦେଖାଇଥିଲେ। ତଦନ୍ତରେ ବିଳମ୍ବ ହେବାରୁ ପଞ୍ଚାୟତର ନାଏବ ସରପଞ୍ଚ ଅନନ୍ତ ଚରଣ ନାୟକଙ୍କ ସମେତ ୫ ଜଣ ବ୍ୟକ୍ତି ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୪ ଡିସେମ୍ବର ୨୦୧୮ରେ ଜିଲାପାଳଙ୍କ ସମେତ ହାଇକୋର୍ଟ ୬ ଜଣଙ୍କୁ ପକ୍ଷ ରଖିଥିଲେ। ଜିଲାପାଳଙ୍କୁ ଏହାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଏହି ଦାୟିତ୍ୱ ଓଡ଼ଗାଁ ତହସିଲଦାରଙ୍କ ଉପରେ ନ୍ୟସ୍ତ କରିଥିଲେ। ଓଡ଼ଗାଁ ତହସିଲଦାର ତଦନ୍ତ କରିବାରୁ ଉକ୍ତ ସ୍ଥାନରେ କୌଣସି ପୋଖରୀ ନ ଥିବା ନେଇ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଗତ ୩୧ ତାରିଖରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଏ ନେଇ କୋର୍ଟ କରି ପକ୍ଷମାନଙ୍କୁ ଶୁଣାଣି କରିଥିଲେ। ୩ ଜଣ କର୍ମଚାରୀ ସମ୍ପୃକ୍ତ ଥିବାରୁ ସେମାନଙ୍କଠାରୁ ଟଙ୍କା ଭରଣ କରାଯିବ ବୋଲି କୋର୍ଟରେ ଶୁଣାଣି ହୋଇଥିଲା।



ତଦନ୍ତ ବେଳେ ଦେଖାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୋଖରୀ।

### ୨୪ ତମ ଜିଲାପାଳ ହେଲେ ପୋମା ଟୁଡୁ



ନୂଆ ଜିଲାପାଳ ପୋମା ଟୁଡୁ।

**ନୟାଗଡ଼ ଅଫିସ,୩।୮**

ନୟାଗଡ଼ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କୁ ମତ୍ସ୍ୟ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ବଦଳରେ କୋରାପୁଟ ଜିଲାପାଳ ଡା. ପୋମା ଟୁଡୁଙ୍କୁ ନୟାଗଡ଼ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ହୋଇଥିବା ବିଜ୍ଞପ୍ତିରେ ଏହା ଦର୍ଶାଯାଇଛି। ପୋମା ନୟାଗଡ଼ ଜିଲାର ୨୪ତମ ଜିଲାପାଳ ହୋଇଛନ୍ତି। ମୃଣାଳିନୀ ଦର୍ଶଓ୍ୱାଲଙ୍କ ପରେ ପୋମା ହେଉଛନ୍ତି ଜିଲାର ଦ୍ୱିତୀୟ ମହିଳା ଜିଲାପାଳ। ପ୍ରକାଶ ଯେ, ପୋମା ଟୁଡୁ ନୂଆପଡ଼ା ଜିଲାପାଳ ଥିବାବେଳେ ହାତରେ ବାଡ଼ି ଧରି ୪ କିଲୋମିଟର ପାହାଡ଼ ଚଢ଼ି ଲୋକଙ୍କ ଅଭିଯୋଗ ଶୁଣିବା ଲାଗି ଯାଇଥିଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।

# ଗିରଫ କଏଦୀ ପୁଣି ଫେରାର

**ଖଣ୍ଡପଡା,୩।୮(ସ୍ୱ.ପ୍ର)**

ନୟାଗଡ ଜିଲା ଖଣ୍ଡପଡା ସବ୍‌ଜେଲରୁ ପାଚେରି ଡେଇଁ ଫେରାର ହୋଇଥିବା ଜଣେ ବିଚାରାଧୀନ କଏଦୀଙ୍କୁ ଫତେଗଡ ଓ ଖଣ୍ଡପଡା ପୋଲିସ ମିଳିତ ଭାବେ ଧରିବାରେ ସଫଳ ହୋଇଥିଲେ। ତେବେ ଦେଢମାସ ପରେ ଶନିବାର ସମ୍ପୃକ୍ତ କଏଦୀ ପୁନର୍ବାର ଫେରାର ହୋଇଯାଇଛନ୍ତି। ଏଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଖଣ୍ଡପଡା ସବ୍‌ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିବା ତପନ କୁମାର ରାଉତ ଶନିବାର ସକାଳ ୯.୩୦ ମିନିଟ୍ ସମୟରେ ଜେଲ ପରିସରରୁ ଦ୍ୱିତୀୟ ଥର ପାଇଁ ଚମ୍ପଟ ମାରିଛନ୍ତି। ଖଣ୍ଡପଡା ସବ୍‌ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହେଉଛି। ଏପରି କି ଜେଲରୁ କଏଦୀ ଚମ୍ପଟ ଘଟଣା ପଛରେ ସବ୍‌ଜେଲରେ କାର୍ଯ୍ୟରତ କେତେକ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶଥାଉ କି ସମ୍ପୃକ୍ତ କଏଦୀ ଜଣଙ୍କ ଏହି ଘଟଣା ପୂର୍ବରୁ ଗତ ଜୁନ୍ ମାସ ୧୦ ତାରିଖ ରାତିରେ ସବ୍‌ଜେଲ ପରିସରରୁ ପ୍ରଥମେ ଫେରାର ହୋଇଯାଇଥିଲେ । ଜେଲ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗକ୍ରମେ ଖଣ୍ଡପଡା ଓ ଫତେଗଡ ପୋଲିସ ମିଳିତ ଭାବେ ଚଢାଉ କରି ଫତେଗଡ ଥାନା ଅଧୀନ କରବର ଗ୍ରାମ ହାଡୁଆସାହିସ୍ଥିତ ତାଙ୍କ ଘରୁ ତପନଙ୍କୁ ଗିରଫ କରିବା ପରେ ଖଣ୍ଡପଡା ସବ୍‌ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ସେହି ଦିନଠାରୁ ତପନଙ୍କ ଗୋଡରେ ବେଡି ଓ ହାତରେ ହାତକଡି ପଡି ଜେଲ୍‌ରେ ରହିଆସୁଥିଲେ। ଶନିବାର ସକାଳେ ଜିଲା ଦୌରାଜଜ୍‌ଙ୍କ ଜେଲ ପରିଦର୍ଶନ କାର୍ଯ୍ୟକ୍ରମ ରହିଥିବାରୁ ଅନ୍ୟ କଏଦୀମାନେ ଜେଲ ପରିସରରେ ସଫାସୁତରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ଏହାର ସୁଯୋଗ ନେଇ କଏଦୀ ତପନ କିଭଳି ଜେଲର ପଛପାର୍ଶ୍ୱ ପାଚେରି ଡେଇଁ ଚମ୍ପଟ ମାରିଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସବ୍‌ଜେଲରେ ସିସି କ୍ୟାମେରା ଲାଗିଥିବା ସତ୍ତ୍ୱେ କିଭଳି ଓ କେଉଁ ପରିସ୍ଥିତିରେ କଏଦୀ ଜଣଙ୍କ ଚମ୍ପଟ ମାରିବାରେ ସକ୍ଷମ ହେଲେ ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜେଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହି ଘଟଣା ପରେ ଜେଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଉମେଶ ଚନ୍ଦ୍ର ବଳବନ୍ତରାୟ ଖଣ୍ଡପଡା ସବ୍‌ଜେଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ ଫତେଗଡ ଥାନା ଅନ୍ତର୍ଗତ କରବର ଗ୍ରାମ ହାଡୁଆସାହିର ତପନ କୁମାର ରାଉତ(୨୭) ଏକ ବଳାତ୍କାର ମାମଲାରେ ଗତ ଜୁନ ୯ ତାରିଖରେ ଖଣ୍ଡପଡା ସବ୍‌ଜେଲରେ ରହିଥିଲେ । ତା’ ପରଦିନ ଅର୍ଥାତ୍ ୧୦ ତାରିଖ ସକାଳେ ଜଳଖିଆ ଖାଉଥିବା ବେଳେ ସେ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ।



କଏଦୀ ତପନ ଗିରଫ ।

**ଖଣ୍ଡପଡ଼ା ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ**

### ପରୀ-୩ ଅଭିଯାନ
## ୩ ଦିନରେ ୧୧ ଶିଶୁ ଶ୍ରମିକ ଉଦ୍ଧାର

**ନୟାଗଡ଼ ଅଫିସ,୩।୮**

ନୟାଗଡ଼ ପୋଲିସ ପକ୍ଷରୁ ପରୀ-୩ ଅଭିଯାନ ଆରମ୍ଭ ହୋଇଛି। ୩ ଦିନରେ ପୋଲିସ ୧୧ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଶନିବାର ତୃତୀୟ ଦିନରେ ନୟାଗଡ଼ ଟାଉନ ପୋଲିସ ସହରର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନଙ୍କ ମଧ୍ୟରେ ଗଞ୍ଜାମର ୨, ନୟାଗଡ଼ର ୨, ବୌଦ୍ଧର ୧ ଓ କନ୍ଧମାଳ ଜିଲାର ଜଣେ ଅଛନ୍ତି। ଶୁକ୍ରବାର ନୟାଗଡ଼ ପୋଲିସ ୩ ଜଣ ଓ ଗୁରୁବାର ଇଟାମାଟି ପୋଲିସ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଏମାନଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇବା ପରେ ପରିଚୟ ଜଣାପଡ଼ିଥିଲା। ଶିଶୁମାନଙ୍କ ପରିବାର ସହିତ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯିବ ବୋଲି ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ସୂଚନା ମିଳିଛି।

# ଚାଷୀ,ଚାଷ ବଞ୍ଚାଇବା ପାଇଁ ଆନ୍ଦୋଳନ
### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ରଣପୁର,୩।୮(ସ୍ୱ.ପ୍ର.)**

ଚାଷୀ ଓ ଚାଷ ବଞ୍ଚାଇବା ପାଇଁ ନୟାଗଡ ଜିଲା ରଣପୁର ତହସିଲ ସମ୍ମୁଖରେ ଶନିବାର ଗଣ ଆନ୍ଦୋଳନ କରାଯାଇଛି । ଓଡିଶା କୃଷକ ସଭାର ରଣପୁର ବ୍ଲକ କମିଟି ପକ୍ଷରୁ ଆୟୋଜିତ ଗଣ ଆନ୍ଦୋଳନରେ ରଣପୁର ବ୍ଲକ ଅଞ୍ଚଳର ଚାଷୀମାନେ ସାମିଲ ହୋଇ ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଚାଷୀଙ୍କର ଅନୁରୂପ ସମସ୍ୟାକୁ ନେଇ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ୍‌କୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି । ସୁପାରିସ ମୁତାବକ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ପ୍ରଦାନ, ଚାଷୀ ଓ ଚାଷକୁ ଋଣମୁକ୍ତ କରିବା, ଚାଷୀ ପେନସନ ୫ ହଜାର ଟଙ୍କା କରାଇବା, ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ କରିବା, ଚାଷୀ ସପକ୍ଷବାଦୀ କୃଷକ ବୀମା ଓ ପ୍ରାଣୀ ସମ୍ପଦ ବୀମା ଯୋଜନାକୁ ସୁନିଶ୍ଚିତ କରିବା ଦର୍ଶାଯାଇଛି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ରଣପୁର ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା,କାଳିଆ ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଟଙ୍କା ପାଇବାର ବନ୍ଦୋବସ୍ତ କରାଇବା, ରାଶନ କାର୍ଡ ପାଇ ନ ଥିବା ଫନୀ ବିପନ୍ନଙ୍କୁ ୫୦ କେଜି ଚାଉଳ ବ୍ୟବସ୍ଥା କରିବା, ସ୍ୱଳ୍ପ ବୃଷ୍ଟି ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ବିହନ ଓ ସାର ମାଗଣାରେ ଯୋଗାଇ ଦେବାର ଦାବି ରହିଛି । କୃଷକ ସଭାର ବ୍ଲକ ସମ୍ପାଦକ ଗଦାଧର ପ୍ରଧାନଙ୍କ ନେତୃତ୍ୱରେ ଦୁଃଶାସନ ଜେନା, ନିତ୍ୟାନନ୍ଦ ପରିଡା, ହରିଶ୍ଚନ୍ଦ୍ର ମିଶ୍ର, ସୁଶୀଳ ମହାନ୍ତି, ବିଜୟ ଜେନା, ପୂର୍ଣ୍ଣିମା ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।



ଆନ୍ଦୋଳନରେ ସାମିଲ ହୋଇଥିବା କୃଷକ ସଭା ବ୍ଲକ କମିଟିର କର୍ମକର୍ତ୍ତା।

# ସ୍ୱଚ୍ଛତା କଥା ଭୁଲିଗଲା ବ୍ଲକ ପ୍ରଶାସନ

■ କାର୍ଯ୍ୟାଳୟ ପାର୍ଶ୍ୱରେ ଅଳିଆଗଦା

**ଗଣିଆ,୩।୮(ଡି.ଏନ.ଏ.)**

ସ୍ୱଚ୍ଛ ପରିବେଶ ସୁସ୍ଥ ସମାଜ ଗଠନ କରେ। ସ୍ୱଚ୍ଛ ଭାରତ ଗଠନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ସମସ୍ତେ ତତ୍ପର। ଏଥିପ୍ରତି ଗଣିଆ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ପଞ୍ଚାୟତଗୁଡିକରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ଗତ କିଛିଦିନ ଧରି ଜୋରଦାର ଭାବେ କାର୍ଯ୍ୟ କରୁଥିବା ଦେଖାଯାଇଛି। ଏପରିକି ବ୍ଲକ ପ୍ରଶାସନ ପ୍ରତ୍ୟେକ ଦିନ ପାଇଖାନା ନିର୍ମାଣ ସମ୍ପର୍କରେ ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ଦେଉଛି । ଏଥିପାଇଁ ବିଡିଓ ଅନେକ ଥର ସମୀକ୍ଷା ବୈଠକ କରି କର୍ମଚାରୀମାନଙ୍କୁ ପାଇଖାନା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତାଗିଦ ବି କରୁଥିବା ଶୁଣିବାକୁ ମିଳୁଛି । ହେଲେ ବ୍ଲକ କାର୍ଯ୍ୟାଳୟ ପଛପାର୍ଶ୍ୱର ପରିବେଶ ଦେଖିଲେ କର୍ମଚାରୀମାନେ ସ୍ୱଚ୍ଛତା କଥା ଭୁଲିଯାଇଥିବା ମନେହେଉଛି। ବ୍ଲକ କାର୍ଯ୍ୟାଳୟ ବଜାର ପାର୍ଶ୍ୱ ଦେଇ ଯାଇଥିବା ପ୍ରବେଶ ଦ୍ୱାରରେ ରହିଛି ଗୋଦାମ ଘର । ଗୋଦାମ ଘର ବାରଣ୍ଡାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରହିଛି । ତେବେ ଗୋଦାମ ଘର ପଛପାଖରେ ପଡିରହିଛି ଅନେକ ମଦ ବୋତଲ । ସେହିପରି କାର୍ଯ୍ୟାଳୟ ପଛପାଖରେ ଥିବା ଡ୍ରେନରେ ପଡିରହିଛି କୁଢ କୁଢ ପଲିଥିନ୍ ଓ ଅଳିଆ । ବ୍ଲକ କାର୍ଯ୍ୟାଳୟର ସମ୍ମୁଖ ଭାଗ ସଫାସୁତରା ରହୁଥିବା ବେଳେ ପଛ ପାଖରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଅଳିଆ ଆବର୍ଜନା ସଫା କରିବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ । ବ୍ଲକ କାର୍ଯ୍ୟାଳୟକୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟ ପାଇଁ ବହୁ ଲୋକ ଆସିଥାନ୍ତି। କାର୍ଯ୍ୟାଳୟ ପରିସରରେ ସାଧାରଣ ଲୋକଙ୍କ ପାଇଁ ପରିସ୍ରାଗାରଟିଏ ମଧ୍ୟ ନାହିଁ । ଫଳରେ ଏଠାକୁ ଆସୁଥିବା ଲୋକମାନେ ବ୍ଲକ କାର୍ଯ୍ୟାଳୟ ପଛପଟେ ପରିସ୍ରା କରିଥାନ୍ତି । ସେହିପରି ଗତ ୨ବର୍ଷ ତଳେ ବ୍ଲକ କର୍ମଚାରୀମାନଙ୍କ ପାଇଁ ନିର୍ମିତ ପରିସ୍ରାଗାରଟି ଗତ କିଛି ଦିନ ଧରି ତାଲା ପଡିରହୁଥିବା ଦେଖାଯାଇଛି। ବ୍ଲକ କର୍ମଚାରୀମାନେ ସ୍ୱଚ୍ଛ ପରିବେଶ ପାଇଁ ସଭାସମିତି ମାଧ୍ୟମରେ ଲୋକଙ୍କୁ ସଚେତନତା କରୁଥିବା ବେଳେ କାର୍ଯ୍ୟାଳୟ ପରିସରରେ ମଦ ବୋତଲ ଓ ଅଳିଆ ଗଦା ପଡିରହିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ଗଣିଆ ବିଡିଓ ମାନସ ରଞ୍ଜନ ସାମଲଙ୍କୁ ପଚାରିବାରୁ ସେ ସ୍ଥାନ ଦେଖିଲା ପରେ ପଦକ୍ଷେପ ନେବି ବୋଲି କହିଛନ୍ତି।



ବ୍ଲକ କାର୍ଯ୍ୟାଳୟ ପଛପାର୍ଶ୍ୱରେ ପଡିଥିବା ମଦ ବୋତଲ ଓ ଅଳିଆଗଦା।

■ ବୋଲେରୋ ଧକ୍କାରେ ଯୁବକ ମୃତ

# ପୂର୍ବ ଶତ୍ରୁତାରୁ ଗାଡ଼ି ଚଢ଼ାଇ ହତ୍ୟା ଅଭିଯୋଗ

**ନୂଆଗାଁ,୩।୮(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ୫୭ ନମ୍ବର ଜାତୀୟ ରାଜପଥ ଡିମିରିଝରିଠାରେ ଶନିବାର ମଧ୍ୟାହ୍ନରେ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ପୂର୍ବ ଶତ୍ରୁତାରୁ ତାଙ୍କୁ ଜାଣିଶୁଣି ଗାଡି ଧକ୍କା କରି ମାରି ଦିଆ ଯାଇଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି । ମୃତକ ହେଲେ ଡିମିରିଝରି ଗ୍ରାମର ଜଗନ୍ନାଥ ପ୍ରଧାନ (୩୫) । ଦୁର୍ଘଟଣା ପରେ ଗାଡିସହ ଚାଳକ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଜଗନ୍ନାଥ ଡିମିରିଝରିଠାରେ ଏକ ମୋଟର ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି । ସେ ଶନିବାର ମଧ୍ୟାହ୍ନ ୧୨ଟାରେ ଗ୍ୟାରେଜରୁ ଚାଲି ଚାଲି ନିଜ ଘରକୁ ଆସୁଥିବାବେଳେ ପଛପଟୁ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅନ୍ୟ ଏକ ଗ୍ୟାରେଜ ମାଲିକ ବ୍ରଜକିଶୋର ସାହୁ (୩୫) ବୋଲେରୋଟି ଚଳାଉଥିଲେ ଓ ସେ ଜଗନ୍ନାଥଙ୍କୁ ଗାଡି ଚଢାଇ ମାରିଦେଇଛନ୍ତି । ମୃତକଙ୍କ ପରିବାର ମଧ୍ୟ ଏହି ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ବ୍ରଜକିଶୋର ଓଆର ୦୨ ଏ ଆର ୪୬୪୬ ନମ୍ବର ବିଶିଷ୍ଟ ଗାଡିସହ ନୟାଗଡ ସଦର ଥାନା ଯାଇ ଆତ୍ମସମର୍ପଣ କରିଛନ୍ତି। ସେ ଜାଣିଶୁଣି ଗାଡି ଧକ୍କା କରି ନ ଥିବା ଓ ଏହା ଏକ ଦୁର୍ଘଟଣା ବୋଲି ସଫେଇ ଦେଇଛନ୍ତି।

ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜଗନ୍ନାଥ ଗ୍ୟାରେଜ କରିବା ଦିନଠାରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗିରହିଥିଲା । ଗତ କିଛିମାସ ତଳେ ବ୍ରଜଙ୍କ ଗ୍ୟାରେଜରେ ନିଆଁ ଲାଗିଯାଇଥିବା ବେଳେ ସେହି ନିଆଁ ଜଗନ୍ନାଥ ଲଗାଇ ଦେଇଥିବା ନେଇ ବ୍ରଜ ଏତଲା ଦେଇଥିଲେ । ତାହାକୁ ଭିତ୍ତି କରି ମକଦ୍ଦମା ଚାଲିଥିଲା । ଏ ନେଇ ବ୍ରଜ ଜଗନ୍ନାଥଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇ ଆସୁଥିଲେ । ତେଣୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ୪ ଦିନ ତଳେ ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଅଭିଯୋଗକୁ ଥାନା ଗୁରୁତ୍ୱ ଦେଇ ନ ଥିବା ଯୋଗୁ ଜଗନ୍ନାଥଙ୍କ ଜୀବନ ଗଲା ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ବ୍ରଜଙ୍କ ଗ୍ୟାରେଜ ଭଙ୍ଗାରୁଜା କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୋଲିସର ଅବହେଳା ଯୋଗୁ ଗୋଟିଏ ନିରୀହ ଜୀବନ ଚାଲି ଯାଇଥିବାରୁ ପୋଲିସ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଘଟଣା ସ୍ଥଳରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ, ନୂଆଗାଁ ଥାନା ଆଇଆଇସି ମନୋରମା ମଳିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।



ମୃତକଙ୍କ ଶୋକାକୁଳ ପରିବାର ।

**ଚାଳକଙ୍କ ଥାନାରେ ଆତ୍ମସମର୍ପଣ**